# ଟେମ୍ପୋ ଧକ୍କାରେ ଭାଙ୍ଗିଲା ରେଳବାଇ ଗେଟ୍

ବେତନଟୀ, ୧୯ ।୩(ସମିସ)



ଅଟକି ରହିଲା ଶହଶହ ଯାନବାହନ

ବେତନଟୀ ମୁଖ୍ୟବଜାରର ଏକମାତ୍ର କଙ୍କାକାଳିଆ ଛକରେ ଥିବା ରେଳଫାଟକର ଗେଟ୍ ଏକ ଟେମ୍ପୋ ଧକ୍କାରେ ଭାଙ୍ଗିଯିବାରୁ ଏହା ଅକାମି ହେବା ସହିତ ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ଦେଖାଦେଇଛି ଗୁରୁତର ଟ୍ରାଫିକ ସମସ୍ୟା । ଆଉ ଏଥିପାଇଁ ଉଭୟ ପାର୍ଶ୍ୱରେ ଅଟକି ରହିଲା ଶହଶହ ଯାନବାହନ । ସୂଚନା ମୁତାବକ, ବାଙ୍ଗିରିପୋଷିରୁ ରୁପ୍ସା ଯାଉଥିବା ମେମୁଟ୍ରେନ ନିମନ୍ତେ କଙ୍କାକାଳିଆ ଛକରେ ଥିବା କ୍ୟାବିନର ଗେଟମ୍ୟାନ ସାଇରନ ବଜାଇ ଫାଟକ ବନ୍ଦ କରୁଥିଲେ।

ଏହି ସମୟରେ ଏକ ମାଲବାହୀ ଟେମ୍ପୋ ତରବରିଆ ଭାବରେ ପାରହେବାକୁ ଚେଷ୍ଟା କରୁଥିବା ବେଳେ ଫାଟକର ଗୋଟିଏ ପାର୍ଶ୍ୱ ଗେଟକୁ ଧକ୍କାଦେଇ ଭାଙ୍ଗିଦେଇଥିଲା। ତେବେ ଏହା ଅଟୋମ୍ୟାଟିକ ଗେଟ୍ ହୋଇଥିବାରୁ ଗୋଟିଏ ଅକାମୀ ହେବାରୁ ଅନ୍ୟଟି ମଧ୍ୟ ଅଚଳ ହୋଇ ଅଧାରେ ଅଟକି ରହିଯାଇଥିଲା। ସନ୍ଧ୍ୟା ୭ଟା ୫ମିନିଟ ସମୟରେ ରୁପ୍ସା ଅଭିମୁଖେ ମେମୁଟ୍ରେନ କଙ୍କାକାଳିଆ ରେଳଫାଟକ ଅତିକ୍ରମ କରିଥିବା ବେଳେ ଟ୍ରେନ ଅତିକ୍ରମ କରିବାର କିଛିସମୟ ପୂର୍ବରୁ ଗେଟମ୍ୟାନ ଫାଟକ ବନ୍ଦ କରୁଥିଲେ। ଏହି ଦୁର୍ଘଟଣା ଦ୍ୱାରା ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହି ଗୁରୁତର ଟ୍ରାଫିକ ସମସ୍ୟା ଉପୁଯାଇଥିଲା। ଖବରପାଇ ରେଳବିଭାଗର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମରାମତି ଆରମ୍ଭ କରିଥିଲେ ସୁଦ୍ଧା ଏହା ଅଟୋମ୍ୟାଟିକ ଗେଟ୍ ହୋଇଥିବାରୁ ମରାମତିରେ ଜଟିଳତା ଦେଖାଦେଇଛି। ଉଭୟ ଗେଟ୍ ଅଚଳହୋଇ ପଡ଼ିରହି ଫାଟକ ବନ୍ଦହୋଇ ରହିଥିବା ବେଳେ ଦେଢଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ମରାମତି ହୋଇପାରି ନ ଥିଲା। ଟ୍ରାଫିକ ଭିତରେ ଫସି ରହିଯାଇଥିବା ଶହଶହ ଯାନବାହନ ଦୀର୍ଘ ସମୟ ଅଟକି ରହିଥିଲେ। ଏନେଇ ବେତନଟୀ ଆଇଆଇସି ଆରପିଏଫ ଇନସ୍ପେକ୍ଟରଙ୍କୁ ସୂଚନା ଦିଆଯାଇଥିଲା। ପରେ ପୁଲିସ ପହଞ୍ଚି ବିକଳ୍ପ ରାସ୍ତାରେ ଯାନବାହନଗୁଡ଼ିକ ପଠାଇ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଚାଲିଛି।

## ୮ ମାସ ହେଲା କିରାସିନି ନ ପାଇ ଖାଉଟି ହନ୍ତସନ୍ତ

ବେତନଟୀ, ୧୯ ।୩(ସମିସ): ବେତନଟୀ ବ୍ଲକରେ ଦୀର୍ଘ ୮ମାସ ହେଲା ହିତାଧିକାରୀଙ୍କୁ ଟୋପାଏ ବି କିରାସିନି ମିଳିନାହିଁ। ଫଳରେ ୩୫ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା କିରାସିନି ନ ପାଇ ହନ୍ତସନ୍ତ ହେଉଛନ୍ତି। ସୂଚନା ମୁତାବକ, ବେତନଟୀ ବ୍ଲକରେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଅଧୀନରେ ୩୫ ହଜାରରୁ ଅଧିକ ରାସନକାର୍ଡ ମାଧ୍ୟମରେ ୧ ଲକ୍ଷ ୨୦ହ ଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ରାସନ ସାମଗ୍ରୀ ଯୋଗାଇ ଦିଆଯାଇ ଆସୁଛି। ଚାଉଳ ମୁଣ୍ଡପିଛା ମାସକୁ ୫ କେଜି ଏବଂ କିରୋସିନି କାର୍ଡପିଛା ମାସିକ ଆଲଟମେଣ୍ଟ ହିସାବରେ ଯୋଗାଇ ଦିଆଯାଇଥାଏ। ବର୍ତ୍ତମାନ କାଳବୈଶାଖୀ ପ୍ରଭାବରେ ଝଡତୋଫାନ ସାଙ୍ଗକୁ ବର୍ଷା ହେଉଥିବାରୁ ଅଧିକାଂଶ ଦିନ ସନ୍ଧ୍ୟାରୁ ରାତି ୯ଟା ୧୦ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହୁଛି। ତେଣୁ କିରାସିନି ମିଳୁ ନ ଥିବାରୁ ପିଲାଙ୍କ ପାଠପଢ଼ା ମଧ୍ୟ ବନ୍ଦ ହୋଇଯାଉଛି। ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବଣ୍ଟନ ଦାୟିତ୍ୱରେ ଥିବା ବିଭିନ୍ନ ପଞ୍ଚାୟତ ଏବଂ ଡିଲର ପଏଣ୍ଟ ମାଧ୍ୟମରେ ଉପଭୋକ୍ତାଙ୍କୁ କିରାସିନ ଦିଆଯିବା କଥା; ମାତ୍ର ୮ ମାସ ହେଲା ଉପଭୋକ୍ତାଙ୍କୁ କିରାସିନି ମିଳିନାହିଁ। ବେତନଟୀ ଆରସିଏମଏସ ଡିପୋରୁ ବଡସାହି, ମୋରଡା, ରାସଗୋବିନ୍ଦପୁର, ବାଦାମପାହାଡ ଏବଂ ବିଜାତଳା ବ୍ଲକକୁ କିରସିନ୍ ଯୋଗାଇ ଦିଆଯାଉଛି ; କିନ୍ତୁ ବେତନଟୀର ଉପଭୋକ୍ତା କିରାସିନି ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବେତନଟୀ ବ୍ଲକ ଯୋଗାଣ ଅଧିକାରୀ ସସ୍ମିତା ସେଠୀଙ୍କୁ ଯୋଗାଯୋଗ କରିବାରୁ ଉପଭୋକ୍ତାଙ୍କୁ କିରସିନି ଦେବାପାଇଁ ବାୟୋମେଟ୍ରିକ ମେସିନ ସହିତ କିରସିନି ଲାଇଭ୍ ହୋଇପାରୁନଥିବାରୁ ଦିଆଯାଇ ପାରୁନାହିଁ। ଖୁବଶୀଘ୍ର ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଚୋରା ଦେଶୀମଦ ଧରିବାକୁ ଯାଇ ଅବକାରୀ କର୍ମଚାରୀ ହଟହଟା

ସାରସକଣା/ଜାମଶୋଳା, ୧୯।୩(ସମିସ): ମଙ୍ଗଳବାର ସକାଳ ସମୟରେ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ପାକଟିଆ ପଞ୍ଚାୟତ ଦିଘି ଅଞ୍ଚଳରେ ଚୋରା ମଦ କାରବାର ନେଇ କୁଳିଅଣା ଅବକାରୀ ବିଭାଗ ଖବର ପାଇଥିଲା। ଆଜି ଚଢଉ ପାଇଁ ଯାଇଥବାବେଳେ ଗ୍ରାମର ମହିଳାଙ୍କ ଦ୍ୱାରା ଅବକାରୀ କର୍ମଚାରୀଙ୍କୁ ହଟହଟା ହେବାକୁ ପଡ଼ିଛି। ଏ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କୁଳିଅଣା ଅବକାରୀ ବିଭାଗର ଅଧିକାରୀ ଦିଘି ଗ୍ରାମରେ ଜଣକ ଘରୁ ମଦ ଜବତ କରୁଥିବାବେଳେ ମହିଳା ଓ ପୁରୁଷ ଅବକାରୀ ବିଭାଗର ଗାଡିକୁ ଅଟକ ରଖିଥିଲେ। ତେବେ ବୁଝାସୁଝା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ସ୍ଥାନୀୟଲୋକେ କହିଥିଲେ ଯେ ଦ୍ୱିତୀୟଥର ହେଲା ତୃତୀୟଥର ଯେମିତି ନ ହୁଏ ଏଥିପ୍ରତି ଧ୍ୟାନ ଦେବେ। ଅନ୍ୟପଟେ ସାରସକଣା ଦେଶୀ ମଦ ଭାଟି ବନ୍ଦ ପରେ ବି ବେପାରୀମାନେ କିପରି ପ୍ରତିଦିନ ସକାଳୁ ବାଇକରେ ଆଣି ଘର ଘର ବୁଲି ବାଣ୍ଟୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମଦ ଚାଲାଣ ବେଳେ ମାଡ଼ିବସିଲା ଅବକାରୀ ପୁଲିସ; ୨ ଗିରଫ

ବେତନଟୀ, ୧୯ ।୩(ସମିସ): ଚୋରାମଦ ଚାଲାଣ ହେଉଥିବା ଖବରପାଇ ବେତନଟୀ ଅବକାରୀ ଥାନା ପକ୍ଷରୁ ବଡସାହି ଥାନା ଅଧୀନ ମାର୍କୁଣ୍ଡି ଗ୍ରାମରେ ମଙ୍ଗଳବାର ଚଢଉକରି ଚୋରା ଦେଶିମଦ ଏବଂ ମୋଟରସାଇକେଲ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ୨ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ମାର୍କୁଣ୍ଡି ଗ୍ରାମର ସୁଜିତ ବେହେରା ଏବଂ ନରେନ୍ଦ୍ର ବେହେରା। ଚୋରାମଦ ଚାଲାଣ ହେଉଥିବାନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବାପରେ ଅବକାରୀ ଥାନାଧିକାରୀ ପ୍ରକାଶ ସାହୁ ସଦଳବଳେ ମାର୍କୁଣ୍ଡି ଗ୍ରାମରେ ଚଢାଉ କରିଥିଲେ। ଚଢଉ ସମୟରେ ବାଇକ ସମେତ ୧୨ ଲିଟର ଚୋରା ଦେଶିମଦ ଜବତ କରିଥିଲେ। ସେହିଭଳି ଗ୍ରାମର ଅନ୍ୟ ଏକ ସ୍ଥାନରେ ଚଢଉକରି ନରେନ୍ଦ୍ର ବେହେରା ନିକଟରୁ ୧୪ଲିଟର ଦେଶୀମଦ ଜବତ କରିଥିଲେ। ଉଭୟ ଅଭିଯୁକ୍ତଙ୍କ କୋର୍ଟଚାଲାଣ କରାଯାଇଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ଖୁଣ୍ଟା/କୁଆମରା, ୧୯।୩(ସମିସ): ଖୁଣ୍ଟା ଥାନା ଅଧୀନ ମାଠିଆଭଙ୍ଗା ଗ୍ରାମରେ ଜନୈକ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମାଠିଆଭଙ୍ଗା ଗ୍ରାମର ଘନଶ୍ୟାମ ସେଠୀ ଅଗ୍ନିଶମ ବିଭାଗରୁ ଗତ କିଛି ମାସ ପୂର୍ବେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ଏକାକୀ ମାଠିଆଭଙ୍ଗା ଗ୍ରାମରେ ରହିଆସୁଥିବା ବେଳେ ତାଙ୍କର ପରିବାରର ଅନ୍ୟ ସଦସ୍ୟମାନେ ଉଦଳାରେ ରହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମଙ୍ଗଳବାର ଘରର କବାଟ ଦୀର୍ଘ ସମୟ ଧରି ବନ୍ଦ ଥିବା ଦେଖିବାକୁ ପାଇ ପାଖପଡ଼ଶୀ ତାଙ୍କୁ ଡ଼ାକିଥିଲେ; ହେଲେ ସେ କବାଟ ଖୋଲି ନ ଥିଲେ। ପରେ ପୁଲିସକୁ ଅବଗତ କରାଯାଇଥିଲା। ମାଜିଷ୍ଟ୍ରେଟ ସାଧବୀ ହେମ୍ବ୍ରମ୍ଙ୍କ ଉପସ୍ଥିତିରେ କୋଠରୀର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା ପୁଲିସ। ମୃତ ଶରୀର ନିକଟରେ ଏକ ବିଷ ପକେଟ ପଡ଼ିଥିଲା ଏବଂ ଛାତ ହୁକରୁ ପ୍ଲାଷ୍ଟିକ ଦଉଡ଼ି ତାଙ୍କ ବେକରେ ବନ୍ଧା ହୋଇଥିବା ମଧ୍ୟ ଦେଖାଯାଇଥିଲା। ତାଙ୍କ ପୁଅ ରାକେଶ କୁମାର ସେଠୀଙ୍କ ଅଭିଯୋଗ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବାବେଳେ ମୃତକ ବିଷପାନ କରିବା ଓ ପୁନଶ୍ଚ ରଶିଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାଇ ପାରେ ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି ପୁଲିସ। ଶବ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ନେଇ ବୈଠକ



ବାରିପଦା, ୧୯ ।୩(ସମିସ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ହେବାକୁ ଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ବାରିପଦା ପୌରପାଳିକାର ନଗରପାଳ ତଥା ବିଜେଡ଼ିର ନଗର ସଭାପତି କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରୋଟାରୀ କ୍ଲବରେ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ପକ୍ଷରୁ ବାରିପଦା ପୌରପାଳିକାର ସମସ୍ତ ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ତୃଣମୂଳସ୍ତରରେ ସଚେତନ କରାଯିବ ବୋଲି ଆଲୋଚନା ହୋଇଛି। ଏ ନେଇ ପ୍ରତି ଘରକୁ ଘର ବୁଲି ଉକ୍ତ ଘର ସଦସ୍ୟଙ୍କୁ ବିଜୁ ପରିବାର ସହ ଯୋଡ଼ିବା ସହ ଘରେ ଘରେ ଶଙ୍ଖ ଷ୍ଟିକର ଲଗାଯିବ। ବୈଠକରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଅନନ୍ତ ଦାସ, ଜନ ମହାନ୍ତି, ଦର୍ପନାରାୟଣ ପାଳ ଓ ଅନ୍ୟାନ୍ୟ ୱାର୍ଡ କାଉନସିଲରଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି।

## ଦୋଳପର୍ବ ଆରମ୍ଭ; ଶ୍ରୀଜୀଉଙ୍କ ଗ୍ରାମ ଭ୍ରମଣ

କରଞ୍ଜିଆ, ୧୯।୩(ସମିସ): କରଞ୍ଜିଆର ଐତିହାସିକ ଦୋଳପର୍ବ ନିମନ୍ତେ ଶ୍ରୀଜୀଉ ଫଗୁ ଦଶମୀରେ ଗ୍ରାମ ଭୋଗ ନିମନ୍ତେ ନିଜ ନିଜ ସିଂହାସନରୁ ଅବତରଣ କରି ବିମାନରେ ବିଜେ କରିଛନ୍ତି। ଶ୍ରଦ୍ଧାଳୁଙ୍କଠାରୁ ଭୋଗ ପାଇବା ନିମନ୍ତେ ଗ୍ରାମ ଭ୍ରମଣ ଆରମ୍ଭ କରିଛନ୍ତି। ଗ୍ରାମ ଭୋଗ ନିମନ୍ତେ ଶ୍ରୀଶ୍ୟାମରାଇ ମହାପ୍ରଭୁ ଅନ୍ୟ ୧୦ଟି ମେଢ଼ରେ ବିରାଜମାନ ଥିବା ଶ୍ରୀଜୀଉଙ୍କୁ ନେଇ ଗ୍ରାମ ଭ୍ରମଣ କରୁଛନ୍ତି। ଶ୍ରୀଜୀଉମାନେ ୨୨ ତାରିଖ ରାତି ଓ ୨୩ ତାରିଖ ଭୋରୁ ଉପଖଣ୍ଡର ଅନ୍ୟ ବ୍ଲକରୁ ଆସିଥିବା ଶ୍ରୀଜୀଉଙ୍କ ସହ ମହାମିଳନ ହେବେ। ପରମ୍ପରା ଅନୁସାରେ ଶ୍ରୀଜୀଉମାନେ ଦୋଳ ମେଳା କମିଟି ସଭାପତି ତଥା ଉପଜିଲ୍ଲାପାଳଙ୍କ ବାସଭବନରେ ଭୋଗ ପାଇବେ। ପରେ ଦୋଳ ପଡ଼ିଆ ସ୍ଥିତ ଆସନରେ ବିଜେ କରିବେ। ଏପରି ତିନିଦିନ ପରେ ଶ୍ରୀଜୀଉମାନେ ଭକ୍ତଙ୍କ ସହ ହୋଲି ଖେଳି ନିଜ ନିଜ ସିଂହାସନକୁ ବାହୁଡ଼ିବେ।



## ନୂତନ ଏଡିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, ୧୯ ।୩(ସମିସ): ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ନୂତନ ଭାବେ ଯୋଗଦାନ କରିଥିବା ଏଡିଇଓ ଶଶିଧର ସିଂହ ଏବଂ ପବିତ୍ର ମୋହନ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଉପସ୍ଥିତିରେ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଜିଲ୍ଲାର ସବୁ ବର୍ଗର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସାଧାରଣ ତଥା ବ୍ୟକ୍ତିଗତ ସମସ୍ୟାର ଆଶୁ ସମାଧାନ ନିମିତ୍ତ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର, ସଂଗଠନ ସମ୍ପାଦକ ବଳରାମ ନାଥ, ଦେବବ୍ରତ ବାରିକ, ବସନ୍ତ ନାୟକ, ସୁଦର୍ଶନ ବେହେରା, ଲଳିତ କୁମାର ବେହେରା, ପ୍ରଦୀପ କୁମାର ଦେ ଓ ଦିଲ୍ଲୀପ କୁମାର ଘୋଷ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ନୋଡାଲ ଅଫିସର ଓ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ



ଉଦଳା, ୧୯।୩(ସମିସ): ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ଉଦଳା ନିର୍ବାଚନ ମଣ୍ଡଳୀରେ ସୁପରିଚାଳନା ନିମନ୍ତେ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ କପ୍ତିପଦା, ଉଦଳାଙ୍କ ଦ୍ୱାରା ନିୟୋଜିତ ସମସ୍ତ ନୋଡାଲ ଅଫିସର ଏବଂ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ଏକ ତାଲିମ୍ କାର୍ଯ୍ୟକ୍ରମ ଉପଜିଲ୍ଲାପାଳ କପ୍ତିପଦା, ଉଦଳାଙ୍କ ସମ୍ମିଳନୀ କକ୍ଷରେ ଆଜି ଅପରାହ୍ନ ୪ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଟ୍ରେନିଂ କାର୍ଯ୍ୟକ୍ରମ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପା ସୁଶାନ୍ତ କୁମାର ବାରିକ୍, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ ଓ ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନିର୍ବାଚନ ସୁପରିଚାଳନାରେ ନିୟୋଜିତ ନୋଡାଲ ଅଫିସର ଏବଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ସହ ତତ୍କାଳ ସେବା ଯୋଗାଇବା ଉପରେ ଉପଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ତାଲିମ ପରିଚାଳନାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। କପ୍ତିପଦା ଉପଖଣ୍ଡ ଉଦଳାରେ ମାର୍ଚ୍ଚ ୧୪ରୁ ୧୭ ପର୍ଯ୍ୟନ୍ତ ଉଦଳା ମହାବିଦ୍ୟାଳୟ, ଉଦଳା ଉଚ୍ଚ ବିଦ୍ୟାଳୟ, ଉଦଳା ବାଳିକା ଉଚ୍ଚବିଦ୍ୟାଳୟ, କପ୍ତିପଦା ଉଚ୍ଚ ବିଦ୍ୟାଳୟ ଓ ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ମୋଟ ପାଞ୍ଚଗୋଟି ତାଲିମ କେନ୍ଦ୍ରରେ ସମୁଦାୟ ୨୫୦୦ ପ୍ରିଜାଇଡ଼ିଂ ଅଫିସର ଓ ପୋଲିଂ ଅଫିସରଙ୍କୁ ତାଲିମ୍ ଦିଆଯାଇଥିବା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବେତନଟୀରୁ ଗଲେ ୧୫ ଜିଆର୍ଏସ୍; ଆସିଲେ ୧୬ ଏଡିଇଓ



ବେତନଟୀ, ୧୯ ।୩(ସମିସ): ବେତନଟୀ ବ୍ଲକର ୨୪ଟି ପଞ୍ଚାୟତରେ କାର୍ଯ୍ୟରତ ୧୫ଜଣ ଜିଆରଏସ ପଦନ୍ନୋତି ଭିତ୍ତିକ ବଦଳି ହୋଇ ବିଭିନ୍ନ ବ୍ଲକରେ ଯୋଗଦାନ କରିଥିବା ବେଳେ ସେମାନଙ୍କ ସ୍ଥାନରେ ଅନ୍ୟାନ୍ୟ ବ୍ଲକରୁ ୧୬ଜଣ ଏଡିଇଓ (ଆକାଉଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର) ବେତନଟୀ ବ୍ଲକରେ ଯୋଗଦାନ କରିଛନ୍ତି। ବେତନଟୀ ବ୍ଲକରେ ଯୋଗଦାନ କରିବାପରେ ଏଡିଇଓମାନେ ମଙ୍ଗଳବାର ବିଡିଓ ଗୋପୀନାଥ ଖାଖାଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ବେତନଟୀ ବ୍ଲକର ୧୫ ଜଣ ଜିଆରଏସ ଏଡିଇଓ ଭାବରେ ପଦନ୍ନୋତି ପାଇ ତନ୍ମଧ୍ୟରୁ ୯ଜଣ ବଡସାହି ବ୍ଲକ, ୪ଜଣ ରାସଗୋବିନ୍ଦପୁର ବ୍ଲକକୁ ବଦଳି ହୋଇଥିବା ବେଳେ ଦୁଇଜଣ ମୋରଡା ଏବଂ ଶୁଳିଆପଦା ବ୍ଲକକୁ ବଦଳି ହୋଇଛନ୍ତି। ସେହିଭଳି ବେତନଟୀ ବ୍ଲକକୁ ନୂଆକରି ୧୩ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର ବଦଳୀ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ଜଣ ଯୋଗଦାନ କରିସାରିଛନ୍ତି। ସେହିପରି ଜଣେ ଜୁନିୟର ଆସିଷ୍ଟାଣ୍ଟ ମଧ୍ୟ ଯୋଗଦାନ କରିଛନ୍ତି।

## କମ୍ପ୍ୟୁଟର ପ୍ରଶିକ୍ଷଣ ପାଇଁ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ

ବେତନଟୀ, ୧୯ ।୩(ସମିସ): ଯୁବକଯୁବତୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପୂର୍ବକ ସେମାନଙ୍କ ଦକ୍ଷତାର ବିକଶ ଲକ୍ଷ୍ୟରେ ବ୍ୟାପକ ଜନସଚେତନତା ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ସଚେତନତା ରଥ ବେତନଟୀ ବ୍ଲକ ଅଧୀନ ୨୪ଟି ପଞ୍ଚାୟତ ସମସ୍ତ ଗାଁ ରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଓଡ଼ିଶାରେ ଏହିଭଳି ପରିକ୍ରମା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ବେତନଟୀ ବ୍ଲକ ନିମନ୍ତେ ଓଡ଼ିଶା ସରକାରଙ୍କର ଅନୁମୋଦିତ ତଥା ଓଡ଼ିଶା ଓପନ ୟୁନିଭର୍ସିଟି ଦ୍ୱାରା ପରିଚାଳିତ ବିଦ୍ୟାସାଗର କମ୍ପ୍ୟୁଟର ପ୍ରଶିକ୍ଷଣ ପକ୍ଷରୁ ସମ୍ପାଦକ ସୌମ୍ୟଶଙ୍କର ଆଚାର୍ଯ୍ୟ ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ମିଶନଶକ୍ତିର ମହିଳାଙ୍କୁ କମ୍ପ୍ୟୁଟର ତାଲିମ୍ ସାଙ୍ଗକୁ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ତାଲିମ୍ ଦ୍ୱାରା ଦକ୍ଷତାର ବିକାଶ କରାଯିବାର କାର୍ଯ୍ୟକ୍ରମ ଚାଲିଥିବା ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ମିଶନ ଶକ୍ତି କାର୍ଯ୍ୟାଳୟରେ ଫେଡେରେସନର ଜରୁରୀ ବୈଠକ

# ବିଶୃଙ୍ଖଳା ସୃଷ୍ଟି କରିଥିବା ସଦସ୍ୟାଙ୍କୁ ବହିଷ୍କାର ନିଷ୍ପତ୍ତି

ବେତନଟୀ, ୧୯ ।୩(ସମିସ)



ବେତନଟୀ ବ୍ଲକ ପରିସରସ୍ଥ ମିଶନଶକ୍ତି କାର୍ଯ୍ୟାଳୟରେ ମହିଳା ଫେଡେରେସନ ସଭାନେତ୍ରୀ ଭାରତୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତହୋଇଥିଲା। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିବା ବେଳେ କିଛିଦିନ ପୂର୍ବରୁ କାର୍ଯ୍ୟାଳୟରେ ତାଲା ପକାଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ସଦସ୍ୟାଙ୍କୁ ବହିଷ୍କାର ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବତନଟୀ ବ୍ଲକ ଅଧୀନ ୨୪ଟି ପଞ୍ଚାୟତ ମଧ୍ୟରୁ ୪ଟି ପଞ୍ଚାୟତ ନିମନ୍ତେ ଏମପିକେ (ମାଷ୍ଟର ବୁକ କିପର) ନିଯୁକ୍ତି ନେଇ ଘୋଷଣା ସରିଥିବା ବେଳେ ବାକି ୨୪ ପଞ୍ଚାୟତର ଏମବିକେ ତାଲିକା ପ୍ରକାଶ ଦାବିରେ କିଛି ମହିଳା ଦାବି କରିଥିଲେ। ମାତ୍ର ଇତିମଧ୍ୟରେ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ ରଖିବା ନେଇ ମିଶନଶକ୍ତି ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ନିର୍ଦ୍ଦେଶ ଜାରିକରିବା ପରେ ବେତନଟୀ ମିଶନଶକ୍ତି କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏହାକୁ ସ୍ଥଗିତ ରଖାଯାଇଥିଲା। ମାତ୍ର ଏମବିକେ ନିଯୁକ୍ତି ତାଲିକା ଘୋଷଣା ଜିଦରେ ଅଟଳ କିଛି ମହିଳା ନିଜର ଆପତ୍ତି ଅଭିଯୋଗ ବ୍ଲକ ଅଧ୍ୟକ୍ଷା ଏବଂ ବିଡିଓଙ୍କୁ ଜଣାଇବା ସହିତ ମିଶନଶକ୍ତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ତେବେ କାର୍ଯ୍ୟାଳୟରେ ଏଭଳି ବିଶୃଙ୍ଖଳିତ ଆଚରଣକୁ ନାପସନ୍ଦ କରାଯିବା ସହିତ ସମ୍ପୃକ୍ତ ସଦସ୍ୟାଙ୍କୁ ବିଷ୍କାର ପାଇଁ ବୈଠକରେ ଉପସ୍ଥିତ ମହିଳା ଫେଡେରେସନର କାର୍ଯ୍ୟକର୍ତ୍ତା ଓ ସଦସ୍ୟାମାନେ ନିଷ୍ପତ୍ତି ନେଇଥିବା ସଭାନେତ୍ରୀ ଭାରତୀ ଦାସ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ; ୬ ଗିରଫ



ମୋରଡା, ୧୯।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ମୋରଡା ଅବକାରୀ ବିଭାଗ ତରଫରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଛି। ମୋରଡା ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, ଏଏସଆଇ ବିଜୟ କୁମାର ମହାନ୍ତ, ଦୀପାଞ୍ଜଳି ଦାସ, ଲଲାଟେନ୍ଦୁ ଶତପଥୀ, କଟକ ଅବକାରୀ ୟୁନିଟ-୧ ଏଏସଆଇ ବ୍ରଜକିଶୋର ବିନ୍ଧାଣୀ ସଦଳବେଳ ମୋରଡା ବ୍ଲକ ତଥା ବେତନଟୀ ଥାନା ଅଧୀନ ଇଦର ଗ୍ରାମର ମାଳତୀ ସୋରେନ ଏବଂ ପଦ୍ମାବତୀ ବିନ୍ଧାଣୀଙ୍କ ଘରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ସେହିପରି ମୋରଡା ଥାନା ଅଧୀନ ମାକୁନ୍ଦ ଗ୍ରାମର ସୁମତି ସିଂଙ୍କ ନିକଟରୁ ୪୫ ଲିଟର ମଦ ଜବତ କରିବା ସହିତ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପରେ ମୋରଡା ଥାନା ଅଧୀନ ବାହାଡା ସାହିର ଗୌରୀ ରାଉତ, ହାଣ୍ଡିଭଙ୍ଗା ଗ୍ରାମର ଅନାମ ସୋରେନ, ବରକନ୍ଦ ଗ୍ରାମର ସୀତାରାମ ରାଉତଙ୍କୁ ନିକଟରୁ ଯଥାକ୍ରମେ ୫୦, ୬୩, ୫୨ ଲିଟର ଦେଶୀ ମଦ ଜବତ କରିବା ସହିତ ଉପୋରକ୍ତ ସମସ୍ତଙ୍କୁ ଗିରଫ କରାଯାଇଛି।

# ଆମ୍ବୁଲାନ୍ସ ଧକ୍କାରେ ବଳଦ ମୃତ; ରାସ୍ତା ଅବରୋଧ



**ଠାକୁରମୁଣ୍ଡା,୧୯ ।୩(ସମିସ):** ଠାକୁରମୁଣ୍ଡା ବ୍ଲକ ଅଧୀନ ତରାମରା ଉଚ୍ଚ ବିଦ୍ୟାଳୟ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ସାତକୋଶିଆରୁ ଠାକୁରମୁଣ୍ଡା ଅଭିମୁଖେ ଆସୁଥିବା ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ପ୍ରଥମେ ଲୁନା ଚାଳକକୁ ଧକ୍କା ଦେଇଥିଲା। ପରେ ଆମ୍ବୁଲାନ୍ସଟି ଏକ ଗୋରୁକୁ ମଧ ଧକ୍କା ଦେଇଥିଲା। ଫଳରେ ଗୋରୁଟି ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲା ଏବଂ ଲୁନା ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି କିଛି ସମୟ ଆମ୍ବୁଲାନ୍ସକୁ ଅଟକ ରଖିଥିଲେ; ହେଲେ ଆମ୍ବୁଲାନ୍ସରେ ରୋଗୀ ଥିବାରୁ ଛାଡି ଦେଇଥିଲେ। ଏହି ଦୁର୍ଘଟଣା ପରେ କ୍ଷତିପୂରଣ ଦାବିକରି ସ୍ଥାନୀୟ ଲୋକ ଏବଂ ଗୋରୁ ମାଲିକ ରାସ୍ତା ଅବରୋଧ କରିଥିଲେ। ଫଳରେ ଠାକୁରମୁଣ୍ଡା ଏବଂ ଆନନ୍ଦପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ କିଛି ସମୟ ଯାନବାହାନ ଅଟକି ଯାଇଥିଲା। ଏ ବିଷୟରେ ଠାକୁରମୁଣ୍ଡା ପୁଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ, ମହୁଲଡିହା ଥାନା ଅଧିକାରୀ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ କ୍ଷତି ପୂରଣ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ମୃତ ଗୋରୁର ମାଲିକ ତରାମରା ଗ୍ରାମର ନୀଳାମ୍ବର ବନପଦିଆ ବୋଲି ଜଣାପଡିଛି। ପରେ ମୃତ ବଳଦକୁ ପୋତି ଦିଆଯାଇଥିଲା।

## ବେଆଇନ ଖଣିଜ ସମ୍ପଦ ଲୁଟ୍ ବିରୋଧରେ ଦାବିପତ୍ର

# ଜିଲ୍ଲାପାଳଙ୍କୁ ଭେଟିଲା ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ

**ବାରିପଦା, ୧୯ ।୩(ସମିସ)**



ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ କର୍ମକର୍ତ୍ତାମାନେ ଜିଲ୍ଲାରେ ହେଉଥିବା ବେଆଇନ ଖଣିଜ ସମ୍ପଦ ଲୁଟକୁ ରୋକିବା ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ବିଭୂତି ଭୂଷଣ ସଦୁଆଲଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମକର୍ତ୍ତା ମଙ୍ଗଳବାର ବାରିପଦା ସ୍ଥିତ ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଭେଟି ଜିଲ୍ଲାର ଜନସାଧାରଣଙ୍କ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ପଥର ବ୍ଲାଷ୍ଟିଙ୍ଗ୍, ଖଣି ସମ୍ପଦ ଲୁଟ ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ ଜଣାଇଛନ୍ତି। ବଡ଼ସାହି, ଖୁଣ୍ଟା, ଶ୍ୟାମାଖୁଣ୍ଟା ଓ ବାଙ୍ଗିରିପୋଷି ତହସିଲ ଅଞ୍ଚଳରେ ବ୍ୟାପକ ଭାବେ ବେଆଇନ ବ୍ଲାଷ୍ଟିଂ ସହିତ ପ୍ରତିଦିନ ଶହଶହ ଭାରୀଯାନ ଦ୍ୱାରା ଲଘୁ ଖଣିଜ ଚାଲାଣ ସହ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣ ହେଉଛି। ବ୍ଲାଷ୍ଟିଂଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଘରର କାନ୍ଥ ଫାଟିଯିବା ସହ ଚାଷଜମିରେ ପଥର ଗୁଣ୍ଡ ପଡି ବ୍ୟାପକ ଫସଲ ହାନି ହେଉଛି। ଠିକ୍ ସେହିପରି ଜଳାଶୟରେ ମଧ ପଥର ଗୁଣ୍ଡ ପଡି ଜଳାଶୟର ଜଳ ପ୍ରଦୂଷିତ ହେଉଛି। କିଛି ପ୍ରଭାବଶାଳୀ ଖଣି ମାଫିଆ ଏକ ବୃହତ ଜଳାଶୟକୁ କବଜା କରି ଅଧାରୁ ଅଧିକ ପୋତି ପକାଇଲେଣି। ଏଥିସହିତ ଉକ୍ତ ଜଳାଶୟ ଗୁଡିକ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ସ୍ଥାନୀୟ ଜନସାଧାରଣ ବିଭିନ୍ନ ସମୟରେ ସ୍ଥାନୀୟ ଅଧିକାରୀ, ବ୍ଲକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ଅଧିକାରୀମାନେ ସବୁ ଜାଣି ସୁଦ୍ଧା ନିଦାବିଷ୍ଣୁ ସାଜି ସବୁ ଦେଖୁଛନ୍ତି। କିନ୍ତୁ ସ୍ଥାନୀୟ ଲୋକେ ଖଣି ମାଫିଆ ଭୟରେ କିଛି ପ୍ରତିବାଦ ନ କରି ଚୁପ ହୋଇ ରହୁଛନ୍ତି। ଖଣି ମାଫିଆମାନେ ବେଆଇନ ଭାବେ ଖଣି କାରବାର ଜାରି ରଖିଥିବା ବେଳେ ଲୋକେ ସମସ୍ୟାରେ ପଡୁଛନ୍ତି। ତେଣୁକରି ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ସ୍ଥାନୀୟ ଲୋକଙ୍କ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ମିଳିତ ଭାବେ ଦୃଷ୍ଟି ଦେଇ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ଆଲୋକ କୁମାର ରଣା, ଉପସଭାପତି ମୁକ୍ତିକାନ୍ତ ଜିଉ, କୋଷାଧ୍ୟକ୍ଷ ହରନାରାୟଣ ମିଶ୍ର, ସୁନିଲ କୁମାର ହୋତା, ରାଧାଗୋବିନ୍ଦ ବେହେରା, ଉଦୟନାଥ ଜେନା ଓ ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଅବକାରୀ ଡିଏସପି ନିଯୁକ୍ତି; ରାଇରଙ୍ଗପୁର ପାଇଁ ନୂଆ ପଦ ସୃଷ୍ଟି

ବାରିପଦା, ୧୯ ।୩(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଦୁଇଜଣ ଅତିରିକ୍ତ ଅବକାରୀ ଅଧୀକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ବାରିପଦା ମୁଖ୍ୟାଳୟ ପାଇଁ ତପସ୍ୱନୀ ନାଏକ ଓ ରାଇରଙ୍ଗପୁର ପାଇଁ ସୌମ୍ୟରଞ୍ଜନ ବେହେରା। ତପସ୍ୱନୀ ନାଏକ ଚାକିରିରେ ନୂତନ ହୋଇଥିବା ବେଳେ ସୌମ୍ୟରଞ୍ଜନ ବେହେରା ପୂର୍ବରୁ ଖୁଣ୍ଟା ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ ତୁଲାଇଥିଲେ। ତେବେ ଚାକିରିରେ ଥାଇ ସେ ଓପିଏସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇ କୃତକାର୍ଯ୍ୟ ହୋଇ ନୂତନ ବିଭାଗ ତଥା ପଦବୀରେ ଯୋଗଦେଇଛନ୍ତି। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁର ଉଭୟଙ୍କୁ ସ୍ୱାଗତ ଜଣାଇବା ସହିତ ଦାୟିତ୍ୱ ବଣ୍ଟନ କରିଛନ୍ତି। ସୂଚନା ଥାଉ କି ଆଦିବାସୀ ବହୁଳ ବୃହତ୍ତ ଜିଲ୍ଲାରେ ପୂର୍ବରୁ କେବଳ ଜିଲ୍ଲା ମୁଖ୍ୟାଳୟ ପାଇଁ ଅବକାରୀ ଅତିରିକ୍ତ ଅଧୀକ୍ଷକ ପଦବୀ ଥିଲା। ତେବେ ଦୀର୍ଘ ଦିନ ଧରି ଖାଲି ପଡିଥିଲା। ଫଳରେ ଅଧୀକ୍ଷକ ଓ ଇନିସ୍ପେକ୍ଟରଙ୍କ ଉପରେ ଅଧିକ ଚାପ ରହୁଥିଲା। ସେହିପରି ରାଇରଙ୍ଗପୁର ପାଇଁ ଅବକାରୀ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ନୂଆ ପଦବୀ ସୃଷ୍ଟି ସାଙ୍ଗକୁ ନୂତନ ନିଯୁକ୍ତି ପରେ ବିଭାଗ ତାର କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ କହଁର କହିଛନ୍ତି।

# ଆଜି ପଖାଳ ଦିବସ; ପ୍ରସ୍ତୁତି ଶେଷ

## କୋହଲା ପାଗ ପାଇଁ ବ୍ୟବସାୟ ମାନ୍ଦା ଆଶଙ୍କା

**ବାରିପଦା, ୧୯ ।୩(ସମିସ):** ପଖାଳ କଂସା କହିଲେ ପ୍ରତି ଓଡ଼ିଆକୁ ବୁଝାଇଥାଏ। ଓଡ଼ିଆଙ୍କ ଅନ୍ୟତମ ପରିଚୟ ହେଉଛି ପଖାଳ। ପ୍ରତିଟି ଓଡ଼ିଆଙ୍କ ଘରେ ଏହା ନିତିଦିନିଆ ପାରମ୍ପରିକ ଖାଦ୍ୟପେୟ ଭାବେ ବେଶ ପରିଚିତ। ଉକ୍ତ ପଖାଳକୁ ନେଇ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଥାଏ। ଗ୍ରୀଷ୍ମକୁ ସ୍ୱାଗତ କରି ପଖାଳ ଦିବସ ପାଳନ ହେଉଥିବା ବେଳେ ଚଳିତବର୍ଷ ବୁଧବାର ସତ୍ତ୍ୱେ କୋହଲା ପାଗ ଯୋଗୁଁ ବ୍ୟବସାୟ ମାନ୍ଦା ହେବା ଆଶଙ୍କା ରହିଛି। ତଥାପି ଏହି ପଖାଳ ଦିବସକୁ ନିଆରା ଭାବେ ପାଳନ କରିବା ପାଇଁ ବାରିପଦା ସହରର ହୋଟେଲ, ରେଷ୍ଟୁରାଣ୍ଟ ଆଦି ସ୍ଥାନରେ ପ୍ରସ୍ତୁତି ଶେଷ ହୋଇଛି। ଦହି ଛୁଙ୍କ ଦିଆ ପଖାଳ ସାଙ୍ଗରେ ଭଳି କି ଭଳି ତିଅଣ ଯଥା ଚୁନା/ବଡ ମାଛ ଭଜା, ଆଳୁ ଚଟଣୀ, ବିଭିନ୍ନ ଶାଗ ଭଜା, ବଡି ଚୁରା, ଚିଙ୍ଗୁଡି ଛେଚା, ଆଳୁ ଓ ବାଇଗଣ ଭର୍ତ୍ତା, କଖାରୁ ଫୁଲ ଭଜା, ଆଳୁ ପୁର ଦିଆ ପୋଟଳ ଭଜା, ଆଳୁ ଭଜା, ବାଇଗଣ ଭଜା, ଟମାଟୋ ପୋଡା ଚଟଣି, ଧଣିଆପତ୍ର ଚଟଣି, ଛୁଇଁ ଭଜା, ପାମ୍ପଡ, କାକୁଡି, କଞ୍ଚା ପିଆଜ ଓ ଲଙ୍କା ଇତ୍ୟାଦିର ଅତି ସୁଲଭ ମୂଲ୍ୟ ମଜା ଉଠାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଆଙ୍କ ପଖାଳର ଗୁଣବତ୍ତାକୁ ଋଦ୍ଧିମନ୍ତ ପାଇଁ ପିତ୍ତଳ କଂସା ବି ତା ସହିତ ଯୋଡ଼ି ହୋଇ ରହିଛି। ତେଣୁକରି ବିଭିନ୍ନ ଡିଜାଇନର ପଖାଳ କଂସାରେ ପଖାଳ ପରସିବାକୁ ବ୍ୟବସ୍ଥା ମଧ ହୋଇଛି। ପଖାଳର ଲୋକପ୍ରିୟତା ଏବେ ଘରେ କି ଝୁମ୍ପୁଡି ହୋଟେଲ ଠାରେ ନ ରହି ପଞ୍ଚ ତାରକା ହୋଟେଲରେ ପହଞ୍ଚିଲାଣି। ଓଡ଼ିଆଙ୍କ ସଂସ୍କୃତି ଓ ଅସ୍ମିତା ସହିତ ମହାପ୍ରଭୁଙ୍କ ନିକଟରେ ମଧ ପଖାଳ ଭୋଗଲାଗି ହୋଇଥାଏ। ଶ୍ରୀମନ୍ଦିର ଅନ୍ନରେ ପାଣି ଓ ଦହି ଦେଇ ପଖାଳ ପ୍ରସ୍ତୁତ ହୁଏ। ପଖାଳ ମଧ ଠାକୁରଙ୍କ ଅର୍ପଣ କରାଯାଇଥାଏ। ମହାପ୍ରଭୁଙ୍କୁ ବିଭିନ୍ନ ପଖାଳ ଯଥା- ସୁବାସ ପଖାଳ, ମଲ୍ଲିପଖାଳ, ଟଭା ପଖାଳ ଇତ୍ୟାଦି ବିଗ୍ରହଙ୍କୁ ଲାଗି କରାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ସୁବାସ ପଖାଳ ଏବଂ ବଡ଼ସିଂହାର ବେଶରେ ଟଭା ପଖାଳ, ସନ୍ଧ୍ୟା ଧୂପରେ ସୁବାସ ପଖାଳ ଏବଂ ବଡ଼ସିଂହାରରେ ଘିଅ ପଖାଳ ଲାଗି ହୁଏ। ଦୀପାବଳି ଅମାବାସ୍ୟାରେ ପଖାଳ ପ୍ରସାଦ ହୁଏ। ଗୁଣ୍ଡିଚା ଘରେ ସଞ୍ଜୁଡ଼ି ଭୋଗରେ ପଖାଳ ମଧ ଲାଗି ହୋଇଥାଏ। ତେଣୁ ଆମର ଧାର୍ମିକ ପରମ୍ପରା ସହିତ ପଖାଳ ଜଡିତ ରହିଛି। ତେଣୁକରି ପଖାଳ ଦିବସକୁ ଗାଁରୁ ସହର ସବୁଠି ପାଳନ କରାଯାଉଛି। ବାରିପଦା ସହରରେ ଥିବା ମିଶନ ଶକ୍ତି କାଫେ ସମେତ ହୋଲି ପ୍ୟାଲେସ, ନମସ୍ତେ ବାରିପଦା, ହୋଟେଲ ଦୁର୍ଗା, ହୋଟେଲ ଅମ୍ବିକା, ମୟୂରଭଞ୍ଜ ହୋଟେଲ, ମା' ମଙ୍ଗଳା ହୋଟେଲ ଓ ମହାପାତ୍ର ହୋଟେଲ ଆଦି ଅନେକ ସ୍ଥାନରେ ଲୋକଙ୍କ ଚାହିଦା ଅନୁଯାୟୀ ଭଳି କି ଭଳି ପଖାଳ ସହ ଖାଦ୍ୟପେୟ ପ୍ରସ୍ତୁତ କରାଯାଇଛି।



# ମରାମତି ପାଇଁ ଆଜି ୫ ଘଣ୍ଟା ବିଦ୍ୟୁତ୍ କାଟ୍

ବାରିପଦା, ୧୯ ।୩(ସମିସ): ମରାମତି ପାଇଁ ବୁଧବାର ବାରିପଦା ସହରରେ ୫ ଘଣ୍ଟା ବିଦ୍ୟୁତ କାଟ ହେବ। ସୂଚନା ଅନୁଯାୟୀ, ବାଘରାରୋଡ ଅନ୍ତର୍ଗତ ବିଦ୍ୟୁତ ସବ୍‌ଷ୍ଟେସନର ମରାମତି କାର୍ଯ୍ୟ ନିମନ୍ତେ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏହାକୁ ନେଇ ସବ୍‌ଷ୍ଟେସନ ଅନ୍ତର୍ଗତ ଆଖପାଖ ଅଞ୍ଚଳ ଯଥା- ବାଘରାରୋଡ, ବଳରାମପୁର, ୱାର୍ଡ ନମ୍ବର ୧୭, ୧୯ ଓ ୩ନଂ.ର କେତେକ ସ୍ଥାନରେ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏ ନେଇ ଟାଟା ପାୱାର ନର୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କ ଅବଗତି ନିମନ୍ତେ ଜଣାଇବା ସହ ସହଯୋଗ କାମନା କରିଛନ୍ତି।

# ପୁଣି ଚାକିରି ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ

## ବେକାର ଯୁବକ ଯୁବତୀ ଠକଙ୍କ ପ୍ରଲୋଭନର ଶିକାର

ବାରିପଦା, ୧୯ ।୩(ସମିସ): ଦିନକୁ ଦିନ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଠକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଲାଣି। ପୁଣି ଚାକିରି ପ୍ରଲୋଭନ ଦେଖାଇ ନିରୀହ ଯୁବକଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବାରିପଦା ଟାଉନ ଥାନାରେ ପୁଣି ଏକ ବଡ଼ ଧରଣର ଠକେଇ ନେଇ ମାମଲା ରୁଜୁ ହୋଇଛି। ବାରିପଦା ସହରର ବଳରାମପୁର ଅଞ୍ଚଳର ଜଣେ ମହିଳାଙ୍କୁ ମେଡିକାଲରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଠକେଇ ନେଇ ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାର ଜଣେ ଠକ ୨ ଲକ୍ଷ ୬୫ହଜାର ଟଙ୍କା ଠକି ନେଇଥିବା ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଗତ ୨୦୨୨ ମେ ୨୧ ତାରିଖରେ ବାରିପଦା ମାର୍କେଟ ଅଞ୍ଚଳରେ ଏହି ଠକେଇ ଘଟଣା ଘଟିଥିଲା। କେନ୍ଦୁଝର ଜିଲ୍ଲା ସାରିଆପୋଷି ଗ୍ରାମର ରାଜେନ୍ଦ୍ର ପାତ୍ର (୫୬) ନାମକ ଠକ ବାରିପଦାର ବଳରାମପୁର ଅଞ୍ଚଳର ଜଣେ ମହିଳାଙ୍କୁ ଚାକିରି କରାଇ ଦେବା ପ୍ରତିଶ୍ରୁତି ଦେଇଥିଲେ। ଚୁକ୍ତି ଅନୁଯାୟୀ ଟଙ୍କା ନେବାର ଦେଢ଼ ବର୍ଷ ପରେ ମଧ ଚାକିରି ଯୋଗାଇ ଦେବା ପରିବର୍ତ୍ତେ ଧରାଛୁଆଁ ଦେଇ ନ ଥିଲା। ଠକର କୌଣସି ଖୋଜ ଖବର ନ ପାଇ ଶେଷରେ ନିରୂପାୟ ହୋଇ ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ ମହିଳା ଜଣକ। ତାଙ୍କ ଅଭିଯୋଗ କ୍ରମେ ବାରିପଦା ଟାଉନ ଥାନାରେ ଏକ ମାମଲା ଅଭିଯୁକ୍ତ ରାଜେନ୍ଦ୍ରଙ୍କ ବିରୋଧରେ ରୁଜୁ ହୋଇଛି।

## ନିର୍ବାଚନ ପାଇଁ ନିଯୁକ୍ତି ହେବେ ୨୩,୮୩୦ ଅଧିକାରୀ ଓ କର୍ମଚାରୀ

# ୯ ରିଟର୍ଣ୍ଣିଂ ଅଫିସର ଓ ୧୫୦ ମାଇକ୍ରୋ ଅବଜରଭର ନିଯୁକ୍ତ




**ବାରିପଦା, ୧୯ ।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହୋଇସାରିଛି। ଶେଷ ଦୁଇ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ୨୩,୮୩୦ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ। ଏଥିପାଇଁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଜିଲ୍ଲା ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ କାର୍ଯ୍ୟାରମ୍ଭ କରିଛି। କୌଣସି ସୂଚନା ପାଇଁ ଜନସାଧାରଣ '୧୯୫୦' ନିଶୁଳ୍କ ନମ୍ବରରେ ଯୋଗାଯୋଗ କରି ସେମାନେ ସୂଚନା ପାଇବା ସହିତ ନିଜର ଆପତ୍ତି ଅଭିଯୋଗ ମଧ ଜଣାଇପାରିବେ। ମୟୂରଭଞ୍ଜ ଜିଲ୍ଲାର ଲୋକସଭା ଓ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ରିଟର୍ଣ୍ଣିଂ ଅଧିକାରୀଙ୍କ ନାମ ପ୍ରକାଶ ପାଇଛି। ଲୋକସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ରହିଥିବା ବେଳେ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ରିଟର୍ଣ୍ଣିଂ ଅଧିକାରୀ ରହିଛନ୍ତି। ସେହିପରି ମୋରଡା ଓ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, କରଞ୍ଜିଆ ଓ ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଇରଙ୍ଗପୁର ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଦୌଲତଚନ୍ଦ୍ର କର, ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଓ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଅପରପକ୍ଷରେ। ସହକାରୀ ରିଟର୍ଣ୍ଣିଂ ଅଧିକାରୀ ଭାବେ ୧୮ଜଣ, କାର୍ଯ୍ୟ ନିର୍ବାହୀ ରିଟର୍ଣ୍ଣିଂ ଅଧିକାରୀ ୪ଜଣ, ସହକାରୀ କାର୍ଯ୍ୟ ନିର୍ବାହୀ ରିଟର୍ଣ୍ଣିଂ ଅଧିକାରୀ ୫୯ଜଣ, ସେକ୍ଟର ଅଫିସର ୨୫୩ଜଣ, ସେକ୍ଟର ପୁଲିସ ଅଫିସର ୨୫୩ଜଣ, ମାଇକ୍ରଓଭଜରଭର ୧୫୦ଜଣ, ପ୍ରିଜାଇଡିଂ ଅଫିସର ୨୩୬୮ଜଣ, ପୋଲିଂ ଅଫିସର ୧୧ ହଜାର ୮୪୦ଜଣ, ବିଏଲଓ ୨୩୬୮ଜଣ, ଜିଲ୍ଲା ନୋଡାଲ ଲ ଅଫିସର ୧୬ଜଣ, ପୁଲିସ ଅଫିସର ଓ ଏଏସଆଇ ୪୦୬ଜଣ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ ୬ହଜାର ୮୬ଜଣ ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ କେତେକଙ୍କ ତାଲିମ ଗ୍ରହଣ ଶେଷ ହୋଇଥିବା ବେଳେ ଆଉ କେତେକଙ୍କ ତାଲିମ କାର୍ଯ୍ୟକ୍ରମ ଜାରି ରହିଛି। ସୂଚନା ଥାଉକି, ଜିଲ୍ଲାର କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ଷଷ୍ଠ ପର୍ଯ୍ୟାୟ ମେ ୨୫ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ବାକି ୮ଟି ନିର୍ବାଚନ ମଣ୍ଡଳୀରେ ସପ୍ତମ ତଥା ଶେଷ ପର୍ଯ୍ୟାୟ ଜୁନ ୧ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ।

**ପ୍ରତି ବୁଥ୍‌ରେ ରହିବେ ୫ଜଣ; ଖୋଲିଲା କଣ୍ଟ୍ରୋଲ ରୁମ୍; ଜାରି ହେଲା ନିଃଶୁଳ୍କ ହେଲ୍ପଲାଇନ ନମ୍ବର ୧୯୫୦**




# ଏନଏଚଏମ୍ କର୍ମଚାରୀଙ୍କୁ ନିୟମିତ ଦାବି

ବାରିପଦା, ୧୯ ।୩(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟମିତ କରିବା ନେଇ ଦାବି ହୋଇଛି। ଏ ନେଇ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ମଙ୍ଗଳବାର ବାରିପଦାଠାରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗରେ ବିଗତ ୧୮ ବର୍ଷ ଧରି ଉକ୍ତ କର୍ମଚାରୀମାନେ ଚୁକ୍ତିଭିତ୍ତିକ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ଦିବାରାତ୍ରି ସେବା ଯୋଗାଇବା ସହ କୋଭିଡ ସମୟରେ ମଧ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଛନ୍ତି। କିନ୍ତୁ ତାଙ୍କୁ ନିୟମିତ କରିବାର ଦାବି ପୂରଣ ହେଲା ନାହିଁ। ପୂର୍ବରୁ ମଧ ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀ ମାନଙ୍କ ଚାକିରୀ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ; କିନ୍ତୁ ଅନ୍ୟାନ୍ୟ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ପ୍ରକ୍ରିୟା ଘୋଷଣା ହୋଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟମିତ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଚାକିରି ନିୟମିତ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସହଯୋଗ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।








## କୋହଲା ପାଗକୁ ଝିପି ଝିପି ବର୍ଷା

# ପନିପରିବା ଚାଷ ପ୍ରଭାବିତ ଆଶଙ୍କା

କେନ୍ଦୁଝର,୧୯।୩(ସମିସ)



ଜିଲ୍ଲାରେ କୋହଲା ପାଗକୁ ଝିପିଝିପି ବର୍ଷା ଖରାଟିଆ ପନିପରିବା ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ୧୮ ତାରିଖଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଓ କୋହଲା ପାଗ କାରଣରୁ କେତେକ ସ୍ଥାନରେ ପରିପରିବା ଚାଷ ପ୍ରଭାବିତ ହୋଇଥିବା ଜଣାପଡିଛି। ପନିପରିବା ଚାଷ ପାଇଁ କେନ୍ଦୁଝର ଜିଲ୍ଲା ସବୁବେଳେ ଆଗରେ ରହିଥିବା ବେଳେ କେତେକ ସ୍ଥାନରେ କାଳବୈଶାଖୀ ପବନ ଓ ଝିପିଝିପି ବର୍ଷା ଚାଷୀଙ୍କ ଚିନ୍ତା ବଢାଇଛି। ମିଳିଥିବା ସୂଚନା ଅନୁସାରେ, ୧୮ ତାରିଖ ଜିଲ୍ଲାର ଝୁମ୍ପୁରା ବ୍ଲକ ଅଞ୍ଚଳରେ ସର୍ବାଧିକ ୧୧.୮ ମିଲିମିଟର ବର୍ଷା ହୋଇଛି। ସେହିପରି ଯୋଡା ବ୍ଲକ ଅଞ୍ଚଳରେ ୬.୮ ମିଲିମିଟର, ଚମ୍ପୁଆ ବ୍ଲକ ଅଞ୍ଚଳରେ ୫.୧ ମିଲିମିଟର, ସାହାରପଡା ବ୍ଲକ ଅଞ୍ଚଳରେ ୪.୨ ମିଲିମିଟର, ବାଂଶପାଳ ବ୍ଲକ ଅଞ୍ଚଳରେ ୨.୨ ମିଲିମିଟର ଏବଂ ସଦର ବ୍ଲକ ଅଞ୍ଚଳରେ ୧.୪ ମିଲିମିଟର ବର୍ଷା ହୋଇଥିଲା। ମଙ୍ଗଳବାର ଦିନ ଜିଲ୍ଲାର ୩ଟି ବ୍ଲକକୁ ଛାଡିଦେଲେ ଅନ୍ୟ ୧୦ଟି ଯାକ ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ଝିପିଝିପି ବର୍ଷା ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୨.୨ ମିଲିମିଟର, ବାଂଶପାଳ ବ୍ଲକ ଅଞ୍ଚଳରେ ୬.୨ ମିଲିମିଟର, ପାଟଣା ବ୍ଲକ ଅଞ୍ଚଳରେ ୩.୪ ମିଲିମିଟର, ସାହାରପଡା ବ୍ଲକ ଅଞ୍ଚଳରେ ୮.୪ ମିଲିମିଟର, ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ୪ ମିଲିମିଟର, ଆନନ୍ଦପୁର ବ୍ଲକ ଅଞ୍ଚଳରେ ୨.୬ ମିଲିମିଟର, ଘସିପୁରା ବ୍ଲକ ଅଞ୍ଚଳରେ ୫.୪ ମିଲିମିଟର, ଚମ୍ପୁଆ ବ୍ଲକ ଅଞ୍ଚଳରେ ୧.୧ ମିଲିମିଟର, ଯୋଡା ବ୍ଲକ ଅଞ୍ଚଳରେ ୨.୪ ମିଲିମିଟର ଏବଂ ଝୁମ୍ପୁରା ବ୍ଲକ ଅଞ୍ଚଳରେ ୫.୨ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। କେତେକ ପନିପରିବା ଚାଷକୁ ଝିପିଝିପି ପାଗ ସୁହାଉଥିଲେ ମଧ୍ୟ କେତେକ ପରିପରିବା ଫସଲକୁ ଝିପିଝିପି ବର୍ଷା ଓ ପବନ କ୍ଷତିକାରକ ହେଉଥିବାରୁ ଚାଷୀ ଚିନ୍ତାରେ ରହିଛି। ଅନ୍ୟପକ୍ଷରେ ଏହିଭଳି ପାଗ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ସୂଚନା ମିଳିଛି।

## ପାରିବାରିକ କଳହରୁ ଯୁବତୀଙ୍କ ଆତ୍ମହତ୍ୟା

**ଯୋଡ଼ା,୧୯।୩(ସମିସ):** ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ବେହେରା ହଟିଂ ଠାରେ ଜଣେ ଯୁବତୀ ପାରିବାରିକ କଳହରୁ ଘରେ ନିଜ ଓଢଣୀରେ ଫାଶୀ ଲଗାଇ ଆ।। ହତ୍ୟା କରିଥିବା ଜଣାପଡିଛି। ଖବର ନେବାରୁ ଜଣାପଡିଛି ଯେ, ମଙ୍ଗଳବାର ସକାଳ ସମୟରେ ଲକ୍ଷ୍ମୀ ମୁଣ୍ଡା(୨୩) ନାମ୍ନୀ ଯୁବତୀ ତାଙ୍କ ପରିବାର ଲୋକଙ୍କ ସହ କୌଣସି କାରଣକୁ ନେଇ କଳହ ହୋଇଥିଲା। ପରେ ଯୁବତୀ ଜଣଙ୍କ କ୍ରୋଧାନ୍ୱିତ ହୋଇ ଘର ଭିତରକୁ ପଶି ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ତେବେ ଏହି ସମୟରେ ପରିବାର ଲୋକେ କବାଟ ଖୋଲିବାକୁ ଚେଷ୍ଟା କରିଥିଲେ ହେଁ ବିଳମ୍ବ ଘଟିବାରୁ ଯୁବତୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୧୧/୨୦୨୪ ରୁଜୁ ହୋଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ତୁରୁମୁଙ୍ଗା,୧୯।୩(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଚେମେଣା ପଞ୍ଚାୟତ ଚିଲିଦା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଚିଲିଦା ଗ୍ରାମର ଉପେନ୍ଦ୍ର ବେହେରାଙ୍କ ପୁଅ କିରେଇ ବେହେରା(୨୩)। ସୂଚନା ଅନୁସାରେ କିରେଇ ସୋମବାର ମଧ୍ୟାହ୍ନରେ ଭାତ ଖାଇ ସାରିବାର କିଛି ସମୟ ପରେ ହଠାତ ବାନ୍ତି ହୋଇଥିଲା। ପରେ ପରେ ଅସୁସ୍ଥ ଅନୁଭବ କରି ବେହୋସ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ତାଙ୍କୁ ଡାକ୍ତର ରିସିଭ ଡେଥ୍ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏସ୍ଆଇ ରସାନନ୍ଦ ନାୟକ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୯/୨୪ରେ ଏକ ମାମଲା ରୁଜୁ ହୋଇଛି। ଏସ୍ଆଇ ରସାନନ୍ଦ ନାୟକ ଘଟଣାର ତଦନ୍ତ କରିଛନ୍ତି।

## ହାଇୱା ଧକ୍କାରେ ପରିବା ବ୍ୟବସାୟୀ ଗୁରୁତର

**ଆନନ୍ଦପୁର,୧୯।୩(ସମିସ):** ରେମାଳ-ବରିପାଳ ରାସ୍ତାରେ ହାଇୱା ଗାଡି ଧକ୍କାରେ ଆଜି ଏକ ପରିବା ବ୍ୟବସାୟୀ ମନ ସାହୁ(୪୦) ଗୁରୁତର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଅବସ୍ଥା ଗୁରୁତର ହୋଇପଡିବାରୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନାନୁଯାୟୀ ପରିବା ବ୍ୟବସାୟୀ ମନ ନିଜ ବାଇକରେ ପରିବା ବୋଝେଇ କରି ହାଟକୁ ଯାଉଥିବା ବେଳେ ପଛପଟୁ ଓଡି୨୨ଜେ୪୦୦୧ନମ୍ବରହାଇଓାଧକ୍କାଦେବାରୁପରିବାବ୍ୟବସାୟୀଆହତହୋଇତଳେ ପଡିଯାଇଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିବା ବେଳେ ଖବର ପାଇ ଘସିପୁରା ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ମହୁଲିମଦ ଜବତ; ୨ ଗିରଫ



**ହାଟଡିହି,୧୯।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସ୍ମିତା ବେହେରାଙ୍କ ନେତୃତ୍ୱରେ ଏଏସଆଇ ବଳଭଦ୍ର ରାଉତ, କନେଷ୍ଟବଳ ନିବେଦିତା ମାଝୀ, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ନନ୍ଦିପଦା ଥାନା ଅଧିନ ଅସିଆ ଓ ସଡ଼ା ଅଞ୍ଚଳରେ ଚଢ଼ଉ କରି ଚୋରା ମହୁଲିମଦ କାରବାର ଅଭିଯୋଗରେ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଓ ନାରାୟଣ ପାତ୍ରଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ମୋଟ୍ ୧୯ଲିଟର ଦେଶୀ ରନ୍ଧା ମହୁଲିମଦ ଜବତ୍ କରିଛନ୍ତି। ଅବକାରୀ ଆଇନ ଅନୁଯାୟୀ, ମେଡ଼ିକାଲ ପରୀକ୍ଷା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଅଧିକାରୀ ସ୍ମିତା ବେହେରା କହିଛନ୍ତି।

## ଟ୍ରାଫିକ୍ ପଏଣ୍ଟରେ ଖାଲ; ମରାମତି ଦାବି



**ହାଟଡ଼ିହୀ,୧୯।୩(ସମିସ):** ହାଟଡିହୀ ବ୍ଲକ ଅନ୍ତର୍ଗତ ଛେନାପଦି ବଜାରଟି ବାଣିଜ୍ୟର ପେଣ୍ଠସ୍ଥଳ ହୋଇଥିବା ବେଳେ ସକାଳୁ ରାତ୍ର ଯାଏଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଏପରି ସ୍ଥଳେ ଛେନାପଦି ଛକ ସ୍ଥିତ ଟ୍ରାଫିକ ପଏଣ୍ଟର ଖାଲଖମାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିକଟ ଅତୀତରେ ରାସ୍ତା ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଏହାର ମରାମତି କାର୍ଯ୍ୟ ହୋଇଥିଲେ ସୁଦ୍ଧା ଉକ୍ତ ସ୍ଥାନଟି ଖାଲୁଆ ରହୁଥିବା ସକାଶେ ସାମାନ୍ୟ ବର୍ଷା ମାତ୍ରକେ ସେଠାରେ ବର୍ଷାପାଣି ଜମିରହି ଉକ୍ତ ସ୍ଥାନଟି ପୁନର୍ବାର ଭାଙ୍ଗି ବିରାଟ ଖାଲରେ ପରିଣତ ହେବା ବର୍ତ୍ତମାନ ଆଣ୍ଠୁଏ ଉଚ୍ଚାରେ ପାଣି ଜମି ରହୁଛି। ଯାହାକି, ଚଳପ୍ରଚଳ କରୁଥିବା ବଜାର ଲୋକଙ୍କ ସହ ପଥଚାରୀଙ୍କ ପାଇଁ ନାନା ଅସୁବିଧା ସୃଷ୍ଟି ହେଉଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହାର ମରାମତି କରାଇବାକୁ ସାଧାରଣରେ ଦାବି ହୋଇଛି।

## ଘର ଉପରେ ଖସି ପଡ଼ିଲା ଗଛ



**ତେଲକୋଇ,୧୯।୩(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଗତକାଲି ରାତିରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ସଦର ପଞ୍ଚାୟତ ରାମଚନ୍ଦ୍ର ପୁର ଗ୍ରାମର ଧରଣୀ ବେହେରାଙ୍କ ଘର ଉପରେ ଏକ ଗଛ ଖସି ପଡ଼ିବାରୁ ବେହେରାଙ୍କ ତିନି ବଖରା ଘର ନଷ୍ଟ ହୋଇ ଯାଇଥିବା ଅଭିଯୋଗ ହୋଇଛି। ଘର ଭିତରେ ଶୋଇଥିବା ୮ ପ୍ରାଣୀ କୁଟୁମ୍ବ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଧରଣୀ ବେହେରାଙ୍କ ଜ୍ୱାଇଁ ବିଭୀଷଣ ବେହେରାଙ୍କ ପିଠି ଉପରେ ଛପର ଖସିପଡ଼ିବାରୁ ସେ ଆହତ ହୋଇଥିବା ଜଣାପଡିଛି। ତାଙ୍କୁ ପରିବାର ଲୋକେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ଘର ନୟାକୋଟ ଥାନା ଭେଜିଡିହି ଗ୍ରାମରେ ବୋଲି ସୂଚନା ରହିଛି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## କପିକରି ଧରା ପଡ଼ିଲେ ଛାତ୍ର

**ତୁରୁମୁଙ୍ଗା,୧୯।୩(ସମିସ):** କେନ୍ଦୁଝର ଜିଲ୍ଲା ସ୍ୱାମ୍ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମଙ୍ଗଳବାର ଚାଲିଥିବା ଯୁକ୍ତ ୩ ଅନର୍ସ ପେପର କୋର-୧ର ପ୍ରଥମ ସେମିଷ୍ଟାର ପରୀକ୍ଷାରେ କପି କରି ଜଣେ ଛାତ୍ର ଧରା ପଡି ଏମ୍ପିହୋଇଛନ୍ତି। ଏମ୍ପିହୋଇଥିବା ପରୀକ୍ଷାର୍ଥୀ ହେଲେ ଖୀରେଇଟାଙ୍ଗିରି ସ୍ଥିତ ବିଶ୍ୱ ବିନାୟକ କଲେଜ ଯୁକ୍ତ ୩ ବିଜ୍ଞାନ ପ୍ରଥମ ବର୍ଷର ପରୀକ୍ଷାର୍ଥୀ। ସୂଚନା ଅନୁସାରେ ମଙ୍ଗଳବାର ଯୁକ୍ତ ୩ କୋର ୧ ଅନର୍ସ ପେପରର ପ୍ରଥମ ସେମିଷ୍ଟାର ପରୀକ୍ଷା ଚାଲିଥିବା ସମୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ସ୍କ୍ୱାର୍ଡ ହାତରେ ଉକ୍ତ ଛାତ୍ର ଜଣଙ୍କ କପି କରୁଥିବା ସମୟରେ ଧରାପଡି ଏମ୍ପି ହୋଇଥିବା ଜଣାପଡିଛି।

## ଆନନ୍ଦପୁରରୁ ହଟିଲା ହୋର୍ଡିଂ



**ଆନନ୍ଦପୁର,୧୯।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପରେ ଗତ ୧୭ ତାରିଖ ଠାରୁ ଆନନ୍ଦପୁର ପୌରପାଳିକା ପକ୍ଷରୁ ଆନନ୍ଦପୁର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସମସ୍ତ ରାଜନୈତିକ ପୋଷ୍ଟର, ବ୍ୟାନର ଓ ହୋର୍ଡିଂ ଗୁଡିକୁ ପୌର କର୍ମଚାରୀମାନେ ହଟାଇ ଦେଇଥିବା ପରିଲକ୍ଷିତ ହୋଇଛି। ଆନନ୍ଦପୁର, ଘସିପୁରା, ଶୈଳଙ୍ଗ, ଶାଳପଡା, ଫକୀରପୁର, ପଦ୍ମପୁରରେ ଲାଗିଥିବା ସମସ୍ତ ରାଜନୈତିକ ଦଳର ହୋର୍ଡିଂ ହଟାଯାଉଛି। ଆନନ୍ଦପୁର ଓ ଘସିପୁରା ପୁଲିସ ସହଯୋଗରେ ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳ, କନିଷ୍ଠ ଯନ୍ତ୍ରୀ ଆର୍ଯ୍ୟଶ୍ରୀ ଦେବବ୍ରତ ସାମଲ, ଧନଞ୍ଜୟଦାଶ, ଶୁଭକାନ୍ତ ଜେନା, ହରେକୃଷ୍ଣ ପାତ୍ର, ସ୍ୱଚ୍ଛସାଥୀ ଓ ଜଳସାଥୀମାନେ ପ୍ରମୁଖ ସାମିଲ ହୋଇଥିଲେ।

## ସାଇଚେତନା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ସୋସୋ,୧୯।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ସଢ଼ା ପଞ୍ଚାୟତ ନାଗାତୋଟା ଆମ୍ରକୁଞ୍ଜଠାରେ ସାଇଚେତନା ସାହିତ୍ୟ ସଂସଦର ଏକାଦଶ ବାର୍ଷିକ ଉତ୍ସବରେ କବିତା ପାଠ, ସାହିତ୍ୟ ଆଲୋଚନ, ମୁଖପତ୍ର ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦର ସ୍ଥାୟୀ ସଭାପତି କୀର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୁତାର, ମୁଖ୍ୟବକ୍ତା ଭାବେ ହାଟଡିହୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସ୍ୱାଇଁ, ସ୍ୱତନ୍ତ୍ର ଅତିଥି ବରିଷ୍ଠ କବି ଓ ସାହିତ୍ୟିକ ଡଃ ଅଶୋକ କୁମାର ପୁହାଣ, ସମ୍ମାନିତ ଅତିଥି ରତ୍ନାକର ଦାସ ପ୍ରମୁଖ ଯୋଗଦେଇଥିଲେ। ସଂସଦର ସମ୍ପାଦକ ଚତୁର୍ଭୁଜ ପହି ସମ୍ପାଦକିୟ ବିବରଣୀ ପାଠକରିଥିଲେ। ବରିଷ୍ଠ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଲେଙ୍କା ସଂସଦର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରମାକାନ୍ତ ଜେନା ଓ ଦାଶରଥି ଜେନାଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ତଥା ପାଲା ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଗଣେଶ ପ୍ରସାଦ କରଶର୍ମା, ଭାସ୍କର ଚନ୍ଦ୍ର ପାଢୀ, ଅଲେଖ ନାୟକ, ଅନ୍ତର୍ଯ୍ୟାମୀ ଓଝା, ହେମନ୍ତ କୁମାର ନାୟକ, ସୁଦାମ ଜେନା, ଶରତ କୁମାର ରାଉତ, ବିଦ୍ୟୁତପ୍ରଭା ଦେଓ, ଅରୁଣ କୁମାର ଜେନା, ଅଭୟ ସାମଲ, ମୋହନ କୁମାର ମହାନ୍ତି, ମୁରଲୀଧର ବେହେରା, ଅନନ୍ତ ମୁଦୁଲି, ସୁରେନ୍ଦ୍ର ପରିଡା, ସୁକାନ୍ତ ବେହେରା, ବିଜୟ କୁମାର ବେହେରା, ସରଳା ମହାପାତ୍ର, ସୁବୋଧ କୁମାର ସାହୁ, ଶଙ୍ଖାଳି ଚରଣ ରାଉଳ ଆଦି ବହୁ କବି ଯୋଗଦେଇଥିଲେ। ସାଇଚେତନା ସାହିତ୍ୟ ସଂସଦର ମୁଖପତ୍ର 'ସମ୍ଭାବନା' ଓ କବି ଜଗନ୍ନାଥ ପାତ୍ରଙ୍କ ନାଟକ 'ଜାରଜ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜଗନ୍ନାଥ ପାତ୍ର, ରତ୍ନାକର ଦାସ, ଅମୂଲ୍ୟ କୁମାର ମିଶ୍ର, ଦାଶରଥି ଜେନା ଓ ଅରୁଣ କୁମାର ଜେନାଙ୍କୁ ସଂସଦ ତରଫରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରୋତ୍ସାହନ ରାଶି ପାଉନାହାନ୍ତି ହିତାଧିକାରୀ



**ଆନନ୍ଦପୁର,୧୯।୩(ସମିସ):** ଖାଦ୍ୟସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ବ୍ଲକର ବୁଢୀକୁଦ, ବାଇଲୋ, କୋଳିମାଟି ପଞ୍ଚାୟତର ଶହ ଶହ ହିତାଧିକାରୀ ଏହି ଖାଦ୍ୟସୁରକ୍ଷା ପ୍ରୋତ୍ସାହନ ଅର୍ଥରାଶି ପାଉନଥିବା ଗୁରୁତର ଅଭିଯୋଗ ହୋଇଛି। ସେହିପରି ବାଇଲୋ ପଞ୍ଚାୟତର ବିଭିନ୍ନ ଗ୍ରାମରେ ହିତାଧିକାରୀମାନେ ଏହି ଅର୍ଥ ପାଉନଥିବାରୁ ଆନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହିତ ପ୍ରତିବାଦ କରିଥିବା ଜଣାଯାଇଛି। ଫେବୃଆରୀ ମାସରେ ଏହି ଅର୍ଥ ହିତାଧିକାରୀମାନଙ୍କୁ ଦେବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ଇତି ମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ଅନେକ ହିତାଧିକାରୀ ଏହି ଅର୍ଥ ପାଇନଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତର ଟୁକୁଣା ଗ୍ରାମର କେତେକ ହିତାଧିକାରୀ ଆନନ୍ଦପୁର ବ୍ଲକରେ ପହଞ୍ଚି ଅଭିଯୋଗ କରିଥିବା ଜଣାଯାଇଛି। ତେବେ ବାଇଲୋ, କୋଳିମାଟି, ବୁଢୀକୁଦ ପନଚାୟତ ପାଇଁ ଗୋଟିଏ ଲେଖାଏଁ ସ୍କାନିଂ ମେସିନ ଦିଆଯାଇଥିବାରୁ ଏହି ଅର୍ଥ ରାଶି ପ୍ରଦାନରେ ବିଳମ୍ବ ହେଉଥିବା ଏବଂ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଏହି ଅର୍ଥ ରାଶି ହିତାଧିକାରୀମାନେ ପାଇବା ସମ୍ଭବ ନୁହେଁ ବୋଲି ଜଣାଯାଇଛି।

## ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା

**ସୋସୋ,୧୯।୩(ସମିସ):** ହାଟଡିହି ବ୍ଲକ ସୋସୋ ପଞ୍ଚାୟତର ନିଉଦାନୀ ସରସ୍ୱତୀ ବିଦ୍ୟାମନ୍ଦିରର ୨୦୨୩-୨୪ ଶିକ୍ଷା ବର୍ଷରେ ୫ମ ଶ୍ରେଣୀ ବୃତ୍ତି ଓ ଆଦର୍ଶ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଛାତ୍ର ପ୍ରୟାଂଶୁ ପ୍ରିତମ ବଳ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଆଦର୍ଶ ପ୍ରବେଶିକା ପରୀକ୍ଷାରେ ଓମପ୍ରକାଶ ଖୁଣ୍ଟିଆ, ସତ୍ୟସାବକ ସେଠୀ, ସୂର୍ଯ୍ୟପ୍ରକାଶ ନାହାକ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାମନ୍ଦିରର ସଭାପତି ତଥା ଶିଳ୍ପପତି ଅଶୋକ କୁମାର ରାଉତ, ବିଦ୍ୟାଳୟର ଅନ୍ୟ କର୍ମକର୍ତା, ଗୁରୁମା ଗୁରୁଜୀଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ଭବିଷ୍ୟତ ଉତ୍ତୀର୍ଣ୍ଣ କାମନା କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ପାଠଚକ୍ର

**ଆନନ୍ଦପୁର,୧୯।୩(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଶାଖାର ସମ୍ପାଦକ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ପଟିଆଲାସ୍ଥିତ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ମାଧବାନନ୍ଦ ଜୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭଗବତ୍ ଗୀତାର ଷଷ୍ଠ ଅଧ୍ୟାୟର ଦ୍ୱିତୀୟ ଭାଗ ଆଲୋଚନା କରିଥିଲେ। ଧ୍ୟାନର ପ୍ରକ୍ରିୟା ଓ ଏହାଦ୍ୱାରା ମଣିଷ ମନରେ ସଂଯମତା ଆଣିବା ଓ ଅସ୍ଥିରତା ମନକୁ କିପରି ନିୟନ୍ତ୍ରିତ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲ୍ଲା ସଭାପତି ଡ. ବିମ୍ବାଧର ବେହେରା ଗୀତାର ଆତ୍ମସଂଯମ ସମ୍ପର୍କରେ ଆଲୋକପାତ କରିଥିଲେ। ପଦ୍ମିନୀ ସାହୁ ବେଦମନ୍ତ୍ର ଉଚ୍ଚାରଣ କରିଥିବା ବେଳେ ଶୁଭସ୍ରୀ ଓଝା ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ, ଉପସଭାପତି ପ୍ରଳୟ କୁମାର ନନ୍ଦ, ପ୍ରଭାତ କୁମାର ମହାପାତ୍ର, ଗତିକୃଷ୍ଣ ପାଣିଗ୍ରାହୀ, ସୁବୁଦ୍ଧି କୁମାର ଜେନା, ଅଧ୍ୟାପକ ମନ୍ମଥ କୁମାର ପୃଷ୍ଟି, ଦାମୋଦର ମୁଣ୍ଡା, କ୍ଷେତ୍ରବାସୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ତଥା ସାହିତ୍ୟ ବିଭାଗର ମୁଖ୍ୟ ସୁରେନ୍ଦ୍ର କୁମାର ଜେନା ସଂଯୋଜନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ସୁରଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଚେତନତା ସୃଷ୍ଟି ପାଇଁ ଭାରତଯାତ୍ରା

**ଆନନ୍ଦପୁର,୧୯।୩(ସମିସ):** ପଥଭ୍ରଷ୍ଟ ମାନବ ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ପୁରୀରୁ ଭାରତଯାତ୍ରା ଆରମ୍ଭ କରିଥିବା ଅରବିନ୍ଦ କୁମାର ମିଶ୍ର ଏବେ ଆନନ୍ଦପୁର ଅଞ୍ଚଳରେ ରହି ସଚେତନତା କାର୍ଯ୍ୟକ୍ରମ ଚଳାଇଥିବା ଜଣାଯାଇଛି। ବିହାର ରାଜ୍ୟର ବେଗୁସରାଇ ଅଞ୍ଚଳର ଶ୍ରୀ ମିଶ୍ର ଶ୍ରୀକ୍ଷେତ୍ର ପୁରୀରୁ ଗତ ୨୦୧୯ ମସିହାରୁ ଏହି ସଚେତନତା ଯାତ୍ରା ଆରମ୍ଭ କରିଛନ୍ତି। ଗୋଟିଏ ୩ ଚକିଆ ସାଇକଲରେ ବୁଲି ବୁଲି କନ୍ୟା ସନ୍ତାନ ଅମୂଲ୍ୟରତ୍ନ ରକ୍ତଦାନ ମହତ ଦାନ, ଗାଡି ଚଳାଇବା ସମୟରେ ହେଲମେଟ୍ ବ୍ୟବହାର କରିବା ସହିତ ମୋବାଇଲ ବ୍ୟବହାର କରନ୍ତୁ ନାହିଁ ବୋଲି ଏକ ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରୁଥିବା ପରିଲକ୍ଷିତ ହୋଇଛି। ଗତ ୧୭ ତାରିଖ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡାରୁ ଆନନ୍ଦପୁରରେ ପହଞ୍ଚିବା ପରେ ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଚଳାଇଥିବାରୁ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।




## ପିଲା ପଢୁଛନ୍ତି ଖୋଲା ଆକାଶ ତଳେ

# ଭୂତକୋଠି ପାଲଟିଲାଣି ଅଙ୍ଗନବାଡ଼ି କେନ୍ଦ୍ର

ବେଲବାହାଳି,୧୯।୩(ସମିସ):






ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମରେ ଥିବା ଦେହୁରୀସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ ୧ ବର୍ଷ ହେଲା ତାଲା ଝୁଲୁଛି। ପ୍ରଶାସନର ପରିଚାଳନା ତ୍ରୁଟି ଯୋଗୁ ୧୫ଲକ୍ଷ ଟଙ୍କା ଅନୁଦାନ ରାଶିରେ ହୋଇଥିବା ଏହି ଅଙ୍ଗନବାଡ଼ି ଗୃହ ଏବେ ଭୂତକୋଠୀ ପାଲଟିଥିବା ବେଳେ ଏଥି ପ୍ରତି କାହାର ଦୃଷ୍ଟି ରହୁନଥିବା ଦେଖାଦେଇଛି। ଛାତ୍ରଛାତ୍ରୀ ଅଙ୍ଗନବାଡ଼ି କର୍ମୀଙ୍କ ଘରକୁ ଯାଇ ପଢୁଥିବା ବେଳେ ସେଠାରେ ପିଲାମାନେ ସୁରକ୍ଷିତ ମନେ କରୁନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ଆଜି ଗ୍ରାମବାସୀଙ୍କ ସହ ଅଭିଭାବକମାନେ ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ଉପସ୍ଥିତ ରହି ଅଙ୍ଗନବାଡି ଖୋଲିବାକୁ ଦାବି କରିଛନ୍ତି। ଏନେଇ ଆନନ୍ଦପୁର ସିଡିପିଓ ତପସ୍ୱିନୀ ବେସେନ୍‌ଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ନୂଆ ଯୋଗ ଦେଇଥିବାରୁ ମୋତେ ଜଣା ନାହିଁ। ସୁପରଭାଇଜରଙ୍କୁ ପଚାରିଲେ ସମ୍ପୂର୍ଣ୍ଣ ତଥ୍ୟ ଜାଣିପାରିବେ। ସୁପରଭାଇଜର ସ୍ନିଗ୍ଧା ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ ଆମକୁ ଘର ହସ୍ତାନ୍ତର କରାଯାଇନାହିଁ। ସେଥିପାଇଁ ପିଲାମାନଙ୍କୁ ନିଜ ଘରେ ନେଇ ଅଙ୍ଗନବାଡି କର୍ମୀ ବୀଣାପାଣି ଖଟୁଆ ପଢ଼ାଉଛନ୍ତି ଏବଂ ଏ ବିଷୟରେ ଆମେ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛୁ। ଅଙ୍ଗନବାଡି କର୍ମୀ ବୀଣାପାଣି ଖଟୁଆ କହିଛନ୍ତି ଠିକାଦାର ଚାବି ନଦେବାରୁ ମୁଁ ପିଲାଙ୍କୁ ନେଇ ଘରେ ପଢ଼ାଉଛି। ଏହି ବାବଦରେ ଠିକାଦାରଙ୍କୁ ପଚାରିବାରୁ ସେ କହିଥିଲେ ଏପର୍ଯ୍ୟନ୍ତ ମୋ ବିଲ୍ ପାଇ ନଥିବାରୁ ମୁଁ ଅଙ୍ଗନବାଡି ଗୃହକୁ ହସ୍ତାନ୍ତର କରିପାରିନାହିଁ। ଏନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦେଖାଦେବା ସହ ସମସ୍ୟାର ସମାଧାନ କରି ନୂତନ ଗୃହରେ ପାଠ ପଢ଼ାଇବା ପାଇଁ ଦାବି ଜଣାଇଛନ୍ତି।

# ଅଦିନିଆ ବର୍ଷାରେ ଜମିରେ ପାଣି

**ପରିବା, ଡାଲି ଓ ତୈଳବୀଜ ଫସଲ କ୍ଷତି ଆଶଙ୍କା**

ଜଳେଶ୍ୱର ବ୍ଲକ, ୧୯।୩ (ସମିସ) :

ଗତ କିଛିଦିନ ଧରି ଉତ୍ତର ବାଲେଶ୍ୱରରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡବର୍ଷା ଲାଗି ରହିଥିବାରୁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଅଞ୍ଚଳରେ ପରିବା, ଡାଲି ଓ ତୈଳବୀଜ ଚାଷର କ୍ଷତି ସମ୍ପର୍କରେ ଆଜି ଜିଲ୍ଲା କୃଷି କାର୍ଯ୍ୟାଳୟରୁ ଜଣାପଡ଼ିଛି। ଏଥିଲାଗି ତଦନ୍ତ ଲାଗି କୃଷିବିଭାଗ ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି।

ଏତ ତଥ୍ୟ ଅନୁଯାୟୀ ଜଳେଶ୍ୱର ଅଞ୍ଚଳରେ ମୋଟ ୧୭୬୩୬ ହେକ୍ଟର, ଭୋଗରାଇ ୧୫୪୩୨ ହେକ୍ଟର ଓ ବାଲିଆପାଳରେ ୧୨୨୯୩ ହେକ୍ଟର ଜମିରେ ବିଭିନ୍ନ ଚାଷ ରବିଋତୁରେ ହୋଇଛି। ଗତ କିଛିଦିନ ଧରି କାଳବୈଶାଖୀର ବର୍ଷା ଲାଗି ରହିଥିବାରୁ ଅନ୍ୟୁନ ୭୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ରବି ଋତୁରେ ବ୍ୟାପକ ଚାଷ ହୋଇଥିବାରୁ ଏବେ କ୍ଷତି ହେବା ସମ୍ଭାବନା ଦେଖା ଦେଇଛି। ଜଳେଶ୍ୱର ଅଞ୍ଚଳରେ ପ୍ରାୟ ୨ହଜାର ହେକ୍ଟର ଜମିରେ ମୁଗ, ୯ଶହ ହେକ୍ଟର ଜମିରେ ବିରି, ୨ ହଜାର ହେକ୍ଟର ବାଦାମ, ୯ ଶହ ହେକ୍ଟର ଜମିରେ ସୋରିଷ, ୧୫୦ ହେକ୍ଟର ଜମିରେ ତିଳ, ୨ ହଜାର ହେକ୍ଟର ଜମିରେ ପରିବା ଚାଷ, ୧୪୪୫୬ ହେକ୍ଟର ଜମିରେ ମସଲା ଜାତୀୟ ଚାଷ ହୋଇଥିବା କୃଷି ବିଭାଗ ସୂଚନାରୁ ଜଣାଯାଇଛି। ସେହିପରି ଭୋଗରାଇରେ ୭ଶହ ହେକ୍ଟର ଜମିରେ ମୁଗ, ୫୪ଶହ ହେକ୍ଟର ଜମିରେ ବିରି, ୧୫ଶହ ହେକ୍ଟର ଜମିରେ ଚିନାବାଦାମ, ୨ଶହ ହେକ୍ଟର ଜମିରେ ସୋରିଷ, ୧୫୦ ହେକ୍ଟର ଜମିରେ ତିଳ, ୧ହଜାର ହେକ୍ଟର ଜମିରେ ପରିବା ଚାଷ, ୧୨୭୦୦ ହେକ୍ଟର ଜମିରେ ବିଭିନ୍ନ ମସଲା ଜାତୀୟ ଚାଷ ହୋଇଥିବା ପ୍ରକାଶ। ବାଲିଆପାଳ ବ୍ଲକର ୧୫ଶହ ହେକ୍ଟର ଜମିରେ ମୁଗ, ୧୧ଶହ ହେକ୍ଟର ଜମିରେ ବିରି, ୩ହଜାର ହେକ୍ଟର ଜମିରେ ଚିନାବାଦାମ, ୬୫୦ ହେକ୍ଟର ଜମିରେ ସୋରିଷ, ୧୩୯୯ ହେକ୍ଟର ଜମିରେ ପରିବାଚାଷ, ୨୩୯୫ ହେକ୍ଟର ଜମିରେ ମସଲା ଚାଷ ହୋଇଛି ବୋଲି ଜିଲା କୃଷି ବିଭାଗ ସୂତ୍ରରୁ ପ୍ରକାଶ।



କିନ୍ତୁ ଅଦିନିଆ ବର୍ଷାଯୋଗୁଁ ଜମିରେ ପାଣି ଜମି ହୋଇ ରହିଛି। ପାଣି ନିଷ୍କାସନ ହେଉନଥିବାରୁ ମୁଗ, ବିରି, ସୋରିଷ, ପରିବା, ଚିନାବାଦାମ, ତରଭୁଜ ଗଛ ଗୁଡିକ ଝାଉଁଳି ପଡ଼ିଛି। ଏ ସବୁର ବ୍ୟାପକ କ୍ଷତି ଘଟିବା ଆଶଙ୍କାରେ ଜଳେଶ୍ୱର କୃଷି କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରାଥମିକ ରିପୋର୍ଟ ପ୍ରେରଣ ହୋଇଛି। ବାଇଗଣ, ପୋଟଳ, କଲରା, ଲଙ୍କା, କାକୁଡି, ଭେଣ୍ଡି, ନାଡୁକା, କଖାରୁ, ମୁଗ, ବିରି, ଧଣିଆ, ତରଭୂଜ ଇତ୍ୟାଦିର କ୍ଷତି ସର୍ବାଧିକ। ସେହିପରି ରାୟାଁରାମଚନ୍ଦ୍ରପୁର, କୋଟସାହି, ପାଇକସିଧା, ପଶ୍ଚିମବାର୍ଡ, ବାଇଗଣବାଡିଆ, ଝାଡପିମ୍ପଳ, ଗଡ଼ସାହିବାଲିଆପାଳ, ରାଜପୁର, ଶିଖରପୁର, ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର, ଗୋବରଘଟା, ଲକ୍ଷ୍ମଣନାଥ, ମାକିଡିଆ, ଓଲମରା ପଞ୍ଚାୟତ ଗୁଡିକ ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ହୋଇଥିବାରୁ। ଆଜି ଏ ସମ୍ପର୍କରେ ଗୌରୀଶଂକର ମହାନ୍ତି, ନବକୁମାର ସାହୁ, ଶଂକର ମହାନ୍ତି, ଦେବେନ୍ଦ୍ର ପ୍ରଧାନ, କାର୍ତ୍ତିକଚନ୍ଦ୍ର ସାହୁ, ବିଦ୍ୟାଧର ମହାନ୍ତି, ବେଣୁଧର ମହାନ୍ତି, ରାଜକିଶୋର ସାହୁ ପ୍ରମୁଖ ଚାଷୀ ଏ ସମ୍ପର୍କରେ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। କୃଷି ବିଭାଗ, ରାଜସ୍ୱ ବିଭାଗ ମିଳିତଭାବେ ତଦନ୍ତ କରି କ୍ଷୟକ୍ଷତିର ଆକଳନ କରିବାକୁ ସେମାନେ ଦାବି କରିଛନ୍ତି।





## ନିଆଁରେ ପୋଡ଼ିହୋଇ ଶିଶୁ ଗୁରୁତର, ସହାୟତା ନିବେଦନ

ପଞ୍ଚଲିଙ୍ଗେଶ୍ୱର, ୧୯।୩(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଦଲଦଲି ଗ୍ରାମର ଚୁଆସାହିରେ ବିଜୁ ମୁଦୁଲି ଏବଂ ଶୋଭାରାଣୀ ମୁଦୁଲିଙ୍କ ୪ ବର୍ଷର ପୁଅ ଚନ୍ଦ୍ରକାନ୍ତ ମୁଦୁଲି ଗତ ତିନି ଦିନ ତଳେ ଧାନ ଉଷାଯାଉଥିବା ଚୁଲିରେ ପଡ଼ିଯାଇ ଗୁରୁତର ଭାବରେ ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସଙ୍କଟାପନ୍ନ ହେବା କାରଣରୁ କଟକ ମୁଖ୍ୟ ଡାକ୍ତରଖାନା କୁ ରେଫର ହୋଇଥିବା ବେଳେ ମୁଦୁଲି ପରିବାର ନିହାତି ଗରିବ ହୋଇଥିବା କାରଣରୁ ସହଯୋଗ ଆଶାରେ ଅଛନ୍ତି।

## ଗୋଛିଦାତେଘରିରେ ଚଉଦ ମାଦଳ ଉତ୍ସବ

ଚନ୍ଦନେଶ୍ୱର, ୧୯।୩ (ସମିସ): ଭୋଗରାଇର ଗୋଛିଦାତେଘରି ପଞ୍ଚାୟତ ଅଧୀନ ଗୌର ନିତାଇ ଛକଠାରେ ୫ଦିନ ବ୍ୟାପି ଅନୁଷ୍ଠିତ ୪୦ତମ ସାର୍ବଜନୀନ ଚଉଦ ମାଦଳ ନାମ ଯଜ୍ଞ, ଲୀଳା କୀର୍ତ୍ତନ, ଭାଗବତ ଆଲୋଚନା, ପ୍ରବଚନ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଗୋଛିଦା ତେଘରି ପଞ୍ଚାୟତବାସୀଙ୍କ ସହ ଯୋଗରେ ଗୌର ନିତାଇ ଛକରେ ଦୀର୍ଘ ୪୦ ବର୍ଷ ହେଲା ଚଉଦ ମାଦଳ ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି। ଏହି ଅବସରରେ ୫ହଜାର ଲୋକଙ୍କ ପାଇଁ ଅନ୍ନ ମହୋତ୍ସବର ଆୟୋଜନ ମଧ୍ୟ ହୋଇଥିଲା। ଗତ ୧୫ତାରିଖ ଶୁକ୍ରବାର ପତକା ଉତ୍ତୋଳନ ପୂର୍ବକ ହରିନାମ ମହାଯଜ୍ଞର ଶୁଭାଧିବାସ ହୋଇଥିଲା। ପରେ ସବୁଦିନ ନଗର କୀର୍ତ୍ତନ ସହିତ ସନ୍ଧ୍ୟାରେ ସର୍ବମେଳି ଅନୁଷ୍ଠିତ ହୋଇ ଆସୁଥିଲା। ମଙ୍ଗଳବାର ନାମଯଜ୍ଞର ବିଶ୍ରାମ ସହିତ ଅନ୍ନ ମହୋତ୍ସବ ଓ ପ୍ରସାଦ ସେବନର ଆୟୋଜନ କରା ଯାଇଥିଲା। କମିଟିର ସଭାପତି ତଥା ସ୍ଥାନୀୟ ସମିତି ସଦସ୍ୟ ରାଧାଶ୍ୟାମ ଦେ, ସମାଜସେବୀ ରାଧା ମୋହନ ଦାସଅଧିକାରୀ, ନନୀ ଗୋପାଳ ମହାନ୍ତି, ସୁଦର୍ଶନ ଜେନା, ନିତ୍ୟାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ ଅଧିକାରୀ, ଲକ୍ଷ୍ମଣ ପରିଡ଼ା, କାର୍ତ୍ତିକ ପରିଡ଼ାଙ୍କ ସମେତ ଗାଁ ବାସୀ ଏଥରେ ସହଯୋଗ କରି ଆସୁଛନ୍ତି।

## ମହିଳାଙ୍କଠୁ ଝାମ୍ପିନେଲେ ଲକ୍ଷେ ଟଙ୍କା



ଜଳେଶ୍ୱର ବ୍ଲକ, ୧୯।୩ (ସମିସ): ଜଳେଶ୍ୱର ଥାନା ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟା ପାଖରୁ କଳା ପଲସରରେ ଦୁର୍ବୃତ୍ତ ଆସି ମହିଳାଙ୍କଠାରୁ ଝାମ୍ପି ନେଲେ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା। ସୂଚନାରୁ ଜଣାପଡ଼ିଛି ଯେ, ମଙ୍ଗଳବାର ପୂର୍ବାହ୍ନ ୧୦ ଟାରେ ଜଳେଶ୍ୱର ବ୍ଲକ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଅଶୋକ ପାଳଙ୍କ ସ୍ତ୍ରୀ ମଞ୍ଜୁଲତା ପାଳ ତାଙ୍କ ପଡୋଶୀ ବିଜୟ ମହାନ୍ତିଙ୍କ ସହିତ ଏକ ସାଇକେଲରେ ଆସି ଜଳେଶ୍ୱର ଷ୍ଟେଟ ବ୍ୟାଙ୍କକୁ ଘରୋଇ କାର୍ଯ୍ୟ ପାଇଁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ବ୍ୟାଙ୍କ ନିଜ ଖାତାରୁ ଉଠାଇଥିଲେ। ପରେ ୧୨ଟା ୩୦ ମିନିଟ ସମୟରେ ପ୍ରହରାଜପୁର ଗ୍ରାମକୁ ଯିବା ସମୟରେ ଜଳେଶ୍ୱର ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟା ପାଖରୁ ପଛ ପଟୁ ଏକ କଳା ପଲସରରେ ଦୁର୍ବୃତ୍ତ ଆସି ମହିଳାଙ୍କ ପାଖରୁ ଝାମ୍ପି ନେଲେ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା। ଉକ୍ତ କଳା ପଲସର ଗାଡ଼ିରେ ଦୁଇ ଜଣ ହେଲିମେଟ ପିନ୍ଧିଥିବା ଯୁବକ ଥିଲେ ବୋଲି ମହିଳା ଜଣକ କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସମବାୟ ସମିତି ସଦସ୍ୟଙ୍କ ଦାବି

ଜଳେଶ୍ୱର ବ୍ଲକ, ୧୯।୩ (ସମିସ) : ପଞ୍ଚାୟତିରାଜ ପ୍ରତିନିଧିଙ୍କ ପରି ସମବାୟ ସଂସ୍ଥାର ନିର୍ବାଚିତ ପ୍ରତିନିଧିମାନେ ଗ୍ରାମାଞ୍ଚଳରେ ଚାଷ ଓ ଚାଷୀଙ୍କ ସମସ୍ୟା, ଋଣ, ଋଣ ପରିଶୋଧ ଇତ୍ୟାଦି ସମ୍ପର୍କରେ କାର୍ଯ୍ୟ କରିଥାନ୍ତି। କିନ୍ତୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଖୋଲା ହାତରେ ସହାୟତା କରିଥିବା ବେଳେ ସମବାୟ ସଂସ୍ଥାପ୍ରତି ନଜର ଦେଇ ନାହାନ୍ତି ବୋଲି ଆଜି ଓଲମରା ସେବା ସମବାୟ ସମିତିର ସଭାପତି ନେତୃତ୍ୱରେ ଆୟୋଜିତ ସଭା ଅନୁଷ୍ଠିତ ହେବାପରେ ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ କହିଛନ୍ତି। କୃଷି ଓ କୃଷକର ସେବା ପାଇଁ ସମବାୟ ସଂସ୍ଥା ସଦା ତତ୍ପର। ଆଗାମୀ ଦିନରେ ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାର କୋହଳ ମନଭାବ ପୋଷଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ସେମାନେ କହିଛନ୍ତି।

## ସୀତାରାମ ଓ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଭୋଗରାଇ, ୧୯।୩ (ସମିସ) : ପଡୋଶୀ ପଶ୍ଚିମବଙ୍ଗ ସମେତ ସମଗ୍ର ଭୋଗରାଇ ବ୍ଲକ ଅଞ୍ଚଳରେ ସାର୍ବଜନୀନ ତଥା ଗଣଉତ୍ସବ ଭାବେ ପ୍ରସିଦ୍ଧି ଲାଭ କରିଥିବା ପାଣିଷଣ୍ଡା ପଞ୍ଚାୟତ ସୁଖଷଣ୍ଡା ଗ୍ରାମ ସ୍ଥିତ ମାତା ସୀତା, ପ୍ରଭୁ ଶ୍ରୀରାମ ଓ ହନୁମାନ ମନ୍ଦିରର ୨୨ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଗତ ବୁଧବାର ଠାରୁ ଶୁଭାରମ୍ଭ ହୋଇଥିବା ଏହି ସପ୍ତ ଦିବସୀୟ ଉତ୍ସବ ସୁଖଷଣ୍ଡା ହନୁମାନ ମନ୍ଦିର ପାର୍ଶ୍ୱସ୍ଥ ଚଣ୍ଡିମାତା କ୍ରିକେଟ ପଡ଼ିଆରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିବସ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ମନ୍ଦିର ପୂଜକ ପୂର୍ଣ୍ଣଚନ୍ଦ୍ର କର, ପଣ୍ଡିତ ଅରୁଣ ପଣ୍ଡା, ପଣ୍ଡିତ ବିପଦଭଞ୍ଜନ କର, ପଣ୍ଡିତ ଅଭୟ ପଣ୍ଡା, ପଣ୍ଡିତ ଅନୀଲ ପଣ୍ଡା, ପଣ୍ଡିତ ଅଶ୍ୱିନୀ କର, ପଣ୍ଡିତ ଧନଞ୍ଜୟ ପଣ୍ଡା, ପଣ୍ଡିତ ଅମିତ କର ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ମଧ୍ୟାହ୍ନରେ ୨୦ ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବିଶାଳ ଅନ୍ନ ମହୋତ୍ସବ, ସନ୍ଧ୍ୟାରେ ପ୍ରବଚନ ଏବଂ ରାତିରେ ବର୍ଣ୍ଣାଢ଼୍ୟ କଳସ ଭସାଣି ଶୋଭାଯାତ୍ରା ସହିତ ଆକର୍ଷଣୀୟ ରୋଷଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭୋଗରାଇ ବ୍ଲକ ସମେତ ପଡୋଶୀ ପଶ୍ଚିମବଙ୍ଗର ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଙ୍ଗଳବାର ବିଶ୍ୱଶାନ୍ତି ମହାଯଜ୍ଞ, ଅନ୍ନ ମହୋତ୍ସବ, ପ୍ରବଚନ, କଳସ ଭସାଣି ଶୋଭାଯାତ୍ରା ସହିତ ରୋଷଣୀ କାର୍ଯ୍ୟକ୍ରମ ମଧ୍ୟରେ ଏହି ଉତ୍ସବ ଉଦଯାପିତ ହୋଇଯାଇଛି। ଉତ୍ସବ କମିଟି, ପ୍ରବଚନ କମିଟି, ଶ୍ରୀ ଜଗନ୍ନାଥ କ୍ଲବର ସମସ୍ତ ସଦସ୍ୟ ସଦସ୍ୟା ଓ ସୁଖଷଣ୍ଡା ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରଦ୍ଧାପୁର ପଞ୍ଚାୟତର କୃଷକ ସାଥୀଙ୍କୁ ମାଡ଼ ଅଭିଯୋଗ



ଚନ୍ଦନେଶ୍ୱର, ୧୯।୩ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତର କୃଷକ ସାଥୀ ଦୀପକ କୁମାର ଭଞ୍ଜ(୫୩)ଙ୍କୁ ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ସ୍ୱାମୀ ଚନ୍ଦନ (ଟିଙ୍କୁ) ମାଡ ମାରିଥିବା ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୂଳେ ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥି ତଦନ୍ତ ଚଳାଇ ଥିବା ଜଣାପଡ଼ିଛି। ଅପରପକ୍ଷରେ କୃଷକ ସାଥୀ ଶ୍ରୀ ଭଞ୍ଜ ଲୋକଙ୍କ ଠାରୁ ବ୍ୟାପକ ଲାଞ୍ଚ ନେଉଛନ୍ତି, ଏ ନେଇ ତାଙ୍କୁ ପଚାରିବାରୁ ସେ ରାଜନୈତିକ ଉଦ୍ଦେଶ୍ୟ ନେଇ ମିଛ ଅଭିଯୋଗ କରିଥିବା ଚନ୍ଦନ ପ୍ରତିକ୍ରିୟାରେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ସୋମବାର ରାତି ପ୍ରାୟ ୮ଟା ୩୦ରେ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର ଶ୍ରଦ୍ଧାପୁର ଗ୍ରାମପଞ୍ଚାୟତରେ କାର୍ଯ୍ୟରତ କୃଷକ ସାଥି ଦୀପକ ଭଞ୍ଜଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡକାଇ ଥିଲେ। ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ପୁରାଇ ଲୋକଙ୍କର କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନା କାହିଁକି କରୁଛ ବୋଲି ଚନ୍ଦନ ପ୍ରଶ୍ନ କରିବା ସହିତ ଏକ ପ୍ଲାଷ୍ଟିକ ପାଇପରେ ପିଟିଥିଲେ। ଏଥିରେ କୃଷକ ସାଥୀ ଜଣକ ଆହତ ହୋଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେବା ପରେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କହନ୍ତି ପଞ୍ଚାୟତ ଅଧୀନ କନ୍ୟାନଗରୀ ଗାଁର ସବିତା ଦାସଙ୍କ ସ୍ୱାମୀ ବିଷ୍ଣୁପଦଙ୍କ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଅର୍ଥ ହୋଲ୍ଡରେ ଥିଲା। ଏହାର କେୱାଇସି କରିଦେବ କହି ୧୦ ହଜାର ଟଙ୍କା ଲାଞ୍ଚ ମାଗିଥଲେ। ହିତାଧିକାରୀଙ୍କ ଖାତାକୁ ୨୫ହଜାର ଟଙ୍କା ମଧ୍ୟ ଆସିଥିଲା। କାର୍ଯ୍ୟ ହୋଇଥିବାରୁ ସେ କୃଷକ ସାଥିଙ୍କୁ ୫ହଜାର ଟଙ୍କା ଦେଇଛନ୍ତି। ଅବଶିଷ୍ଟ ୫ହଜାର ପାଇଁ କୃଷକ ସାଥୀ ସବିତାଙ୍କୁ ନାନା କଟୁକଥା କହିଥିଲେ। ଏହି କଥା ପଞ୍ଚାୟତକୁ ଡାକି ପଚାରିବାରୁ ସେ ମିଥ୍ୟା ଅଭିଯୋଗ କହିଥିବା ଚନ୍ଦନ କହନ୍ତି। ତେବେ ଦୁହିଁଙ୍କ କଥାରେ ତାଳମେଳ ରହୁ ନଥିବା ବେଳେ ପୁଲିସ ତଦନ୍ତ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ। ଅପରପକ୍ଷରେ ଶ୍ରଦ୍ଧାପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚାନନ କୁଣ୍ଡୁ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ନାୟକ, ସମାଜସେବୀ ଅମୀୟ ପଟ୍ଟନାୟକ, ସୁଜିତ ପରିଡ଼ା ପ୍ରମୁଖ ସରପଞ୍ଚଙ୍କ ପ୍ରତିନିଧିଙ୍କ ଦ୍ୱାରା କୃଷକ ସାଥୀଙ୍କୁ ମାଡ଼ ମାରିବା ଘଟଣାକୁ ନିନ୍ଦା କରିବା ସହିତ ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।

## ଯୋଗେନ୍ଦ୍ରଙ୍କ ପରିବାରକୁ ଆବାସ ସାତସପନ



ଖନ୍ତାପଡ଼ା, ୧୯।୩(ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତ ହରିପାଳପୁର ଗ୍ରାମର ଜଣେ ଦାରିଦ୍ର ସୀମାରେଖା ତଳେ ବସବାସ କରି ଆସୁଥିବା ଯୋଗେନ୍ଦ୍ର ବାରିକ ବୃତ୍ତିରେ ରିକ୍ସା ଚାଳକ। ପରିବାରରେ କହିଲେ ଚାରିଜଣ ସଦସ୍ୟ ଅଟନ୍ତି। ସରକାରୀ ଯୋଜନା ତାଙ୍କ ପାଇଁ ସାତ ସପନ ପାଲିଟିଛି। ସେ ଘର ଗୋଟିଏ ପାଇବା ପାଇଁ ବାରମ୍ବାର ପଞ୍ଚାୟତ ଅଫିସ ଠାରୁ ବ୍ଲକ ଅଫିସ ଓ ଜିଲ୍ଲା ପ୍ରଶାସନ ଙ୍କୁ ଗୁହାରି କରିଥିଲେ ସତ୍ତ୍ୱେ ତାଙ୍କ ପାଇଁ ସାତ ସପନ ପାଲିଟିଛି। ଅପରପକ୍ଷେ ନିଜେ ତିଆରି କରିବା ପାଇଁ ଅସମର୍ଥ୍ୟ। ସାମାନ୍ୟ କାଳବୈଶାଖୀ ବର୍ଷାରେ ତାଙ୍କ ଘର ଭିତରେ ପାଣିର ଲହଡି ଦେଖିବାକୁ ମିଳିଥିଲା। ତେଣୁ ତୁରନ୍ତ ପ୍ରଶାସନ ତରଫରୁ ଆବାସ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି କରାଯାଇଛି।

## ଆଦିବାସୀଙ୍କ ସାଲେଇ ପୂଜା

ରାଇବଣିଆ, ୧୯।୩(ସମିସ): ଆଦିମ ଅଧିବାସୀଙ୍କ ଠାରୁ ଆରମ୍ଭ କରି ଆଜିର ଯୁଗରେ ମଧ୍ୟ ଆଦିବାସୀ ମାନେତାଙ୍କର ପରମ୍ପରାକୁ ଭୁଲି ନାହାଁନ୍ତି ସେଥିପାଇଁ ତ ଯେପରି ଫଗୁଣର ମାସରେ କାଷତଣ୍ଡି ଫୁଲ ମନ ଲୋଭିନିଏ ଠିକ୍ ସେହିପରି ଫଗୁଣ ମାସରେ ଏ ପୃଥିବୀ ମାତା ହସିଉଠି ଥାଏ। ଏ ସୁନ୍ଦରମଣି ବୃକ୍ଷ ସବୁ ସବୁଜିମା ହୋଇ ଉଠେ, ଆଦିବାସୀ ପରମ୍ପରାର ଲୋକ ମାନଙ୍କର ବିଧି ରହିଛି କି ଶାଳ ଜଙ୍ଗଲରେ ଓ ମହୁଲ ଗଛରେ ନୂତନ୍ ଫୁଲ ଫଳ ଧରିଲେ ସେମାନେ ତାଙ୍କର ଆରାଧ୍ୟା ଦେବତା ମାଟି ଘୋଡ଼ା ଓ ମାଟି ହାତୀରେ ନିର୍ମିତ ଠାକୁରଙ୍କୁ ଜାହିର ସ୍ଥଳୀରେ ପୂଜା ଅର୍ଚ୍ଚନା କରିବା ସହିତ ଗଞ୍ଜା (କୁକୁଡ଼ା) ଭୂଗ ଅର୍ପଣ କରି ପୂଜାର୍ଚ୍ଚନା କଲେ ପରିବାର ସମସ୍ତଙ୍କର ସ୍ୱାସ୍ଥ୍ୟ ଆରୋଗ୍ୟ ହୋଇ ଥାଏ ବିଶ୍ୱାସ ରହିଛି। ପୂଜାରେ ଉପସ୍ଥିତ ଥିଲେ ଠାକୁରା ବାସ୍କେ, ମହନ୍ ସୋରେନ, ଚମ୍ପାୟ କିସ୍କ, ସମ୍ ରାୟ ମୁର୍ମୁ, ବଳରାମ ମାରାଣ୍ଡି, ସନାତନ କିଷ୍କୁ, ଗାଲୁ ମୁର୍ମୁ, ମୃଶୁ ହେମ୍ବ୍ରମ, ଜବା ମୁର୍ମୁ, ମହଲା ମାରାଣ୍ଡି, ଟିଲକା ବାସ୍କେ, ଶଙ୍କର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



## କାର୍ ଧକ୍କାରେ ଦୁଇ ଛାତ୍ରୀ ଗୁରୁତର

ଦହମୁଣ୍ଡା, ୧୯।୩ (ସମିସ): ୫୭ ନମ୍ବର ରାଜ୍ୟ ରାଜପଥ କଟୁଆଡି ଛକ ନିକଟରେ ଦୁଇଜଣ ଛାତ୍ରୀ ସାଇକେଲ ଯୋଗେ ଟିଉସନକୁ ଯିବା ବେଳେ ଚନ୍ଦନେଶ୍ୱର ଆଡୁ ଦୃତ ଗତିରେ ଆସି ସାମ୍ନା ଆଡୁ ଦୁଇ ଛାତ୍ରୀଙ୍କ ଉପରେ କାର ଟି ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଦୁଇ ଛାତ୍ରୀଙ୍କୁ ସ୍ଥାନୀୟ ଲୋକ ମାନେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଦୁଇ ଛାତ୍ରୀ ହେଲେ କରିଅଣ୍ଡା ଓ ବାଉଁଶ ଡିହା ଗ୍ରାମର। କମର୍ଦ୍ଧା ପୁଲିସ କାର୍ ଜବତ କରିଛି।

**● ଜଳେଶ୍ୱର ଓକିଲ ସଂଘର ନିର୍ବାଚନ**

## ସଭାପତି ଦୌଡ଼ରେ ଜିତାଂଶୁ ଓ କୁଞ୍ଜବିହାରୀ

ଜଳେଶ୍ୱର ବ୍ଲକ, ୧୯ ।୩ (ସମିସ): ରାଜ୍ୟର ବିଭିନ ସ୍ଥାନରେ ଥିବା କୋର୍ଟ ଗୁଡ଼ିକର ଓକିଲ ସଂଘର ନିର୍ବାଚନ ଚଳିତ ମାସ ୩୦ ତାରିଖରେ ହେବାର ସରକାର ଘୋଷଣା କରିଛନ୍ତି। ପ୍ରାର୍ଥୀ ପ୍ରତ୍ୟାହାର ତାରିଖ ଶେଷ ପରେ ଜଳେଶ୍ୱର କୋର୍ଟ ଓକିଲ ସଂଘ ନିର୍ବାଚନରେ ସଭାପତିଭାବେ ଜିତାଂଶୁ ସେଖର ନନ୍ଦୀ ଓ କୁଞ୍ଜବିହାରୀ ଦାସ, ଉପସଭାପତିଭାବେ ବିଜନ କୁମାର ଦେ ଓ ଦିଲୀପ କୁମାର ଦଣ୍ଡପାଟ, ସମ୍ପାଦକ ଭାବେ ଦେବକାନ୍ତ କାସ୍ତ ଓ ଗିରିଜା ଶଂକର ଦାସ, ଯୁଗ୍ମ ସମ୍ପାଦକ ଭାବେ ଗଣେଶ ଚନ୍ଦ୍ର ମାଇତି ଓ ସୁଶାନ୍ତ ଦାସ, କୋଷାଧ୍ୟକ୍ଷଭାବେ ବିନୋଦ କୁମାର ଗିରି ଓ ସତ୍ୟନାରାୟଣ ଦାସ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ବିଷ୍ଣୁପଦ ଦାସ ମହାପାତ୍ର, ବିଶ୍ୱବିନୋଦ ଭଞ୍ଜ, ଜଗଦିଶଚନ୍ଦ୍ର ପାଳ, କମଳଲୋଚନ ସେଠୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ଶିବାନୀ ଦାସ, ୱାତନ ରାଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସହସମ୍ପାଦକ ଭାବେ ରାମକୃଷ୍ଣ ନନ୍ଦୀ, ଲାଇବ୍ରେରୀ ସମ୍ପାଦକ ଭାବେ ଅମରେନ୍ଦ ଦେ ଓ ଲାଇବ୍ରେରୀ ସହ ସମ୍ପାଦକ ଭାବେ ଅସୀମ ଦେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଳେଶ୍ୱର ବାର ନିର୍ବାଚନ ଅଫିସର ଇସାକ୍‌ବେଗଙ୍କ ସୂତ୍ରରୁ ପ୍ରକାଶ।

## ଜଳେଶ୍ୱର ରେଲଷ୍ଟେସନ | କାମରେ ଆସୁନି ଶୌଚାଳୟ; ଯାତ୍ରୀ ହଇରାଣ

ଜଳେଶ୍ୱର, ୧୯ ।୩ (ସମିସ):

ଜଳେଶ୍ୱର ରେଲଷ୍ଟେସନ ପରିସରରେ ଗତ କିଛିଦିନ ଧରି ଶୌଚାଳୟ ଗୁଡିକ କାର୍ଯ୍ୟକ୍ଷମ ନ ଥିବାରୁ ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ଜଳେଶ୍ୱର ରେଲଷ୍ଟେସନର ୧ନଂ ପ୍ଲାଟଫର୍ମର ସୁଲଭ ଶୌଚାଳୟ ବହୁଦିନରୁ କାର୍ଯ୍ୟକରି ଆସୁଛି। ଗତ କିଛିଦିନ ପୂର୍ବରୁ ସୁଲଭ ଶୌଚାଳନ ସଂଗଠନର ଏଠାରେ ଥିବା କର୍ମଚାରୀ ହଠାତ୍ ଅନ୍ୟତ୍ର ଉଭାନ ହୋଇଯାଇଛି। ଫଳରେ ୧ନଂ ପ୍ଲାଟଫର୍ମରେ କୌଣସି ଶୌଚାଳୟ ନ ଥିବାରୁ ଯାତ୍ରୀ ଅସୁବିଧାରେ ପଡୁଛନ୍ତି। ୨ ଓ ୩ନଂ ପ୍ଲାଟଫର୍ମରେ ଶୌଚାଳୟର ବିଶେଷ ସୁବିଧା ନ ଥିବା ବେଳେ ଯାତ୍ରୀମାନେ ୧ନଂ ପ୍ଲାଟଫର୍ମ ଉପରେ ନିର୍ଭର କରିଥାନ୍ତି। ୪ନଂ ପ୍ଲାଟଫର୍ମରେ ଶୌଚାଳୟ, ଆବଶ୍ୟକ ଲାଇଟ ଓ ପଙ୍ଖା ନାହିଁ। ଜଳେଶ୍ୱର ଷ୍ଟେସନକୁ ଅମୃତ ଭାରତ ଯୋଜନାରେ ସଂଶ୍ଳିଷ୍ଟ କରାଯାଇଥିବା ବେଳେ କାର୍ଯ୍ୟ ଆରମ୍ଭ ହୋଇନାହିଁ କହିଲେ ଚଳେ। ମହିଳା ଓ ପୁରୁଷଙ୍କ ଲାଗି ଗୋଷ୍ଠୀ ଶୌଚଳାୟ ନିର୍ମାଣ ସରିଥିଲେ ମଧ୍ୟ ତାହା ଲୋକାର୍ପିତ ହୋଇନାହିଁ। ପ୍ରତ୍ୟେକ ପ୍ଲାଟଫର୍ମରେ ଅନ୍ୟୁନ ୨ଟି ଲେଖାଏ ଶୌଚାଳୟ ନିର୍ମାଣ କରିବାକୁ ଦାବି ହୋଇଛି। ବଣିକ ସଂଘ ସଭାପତି ସୁଧିର ମହାନ୍ତି, ସମାଜ କଲ୍ୟାଣ ବିକାଶ ପରିଷଦର ସମ୍ପାଦକ ରାମଚନ୍ଦ୍ର ଜେନା, ଶରତ ପରିଡ଼ା, କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଞ୍ଜ, ଡ. ଅଜିତ୍ ମହାନ୍ତିଙ୍କ ପ୍ରାୟ ୨୫ ସଂଗଠନର କର୍ମକର୍ତ୍ତାମାନେ ଶୌଚାଳୟ ନିର୍ମାଣ ସମ୍ପର୍କରେ ଦାବି କରିଛନ୍ତି।

## ବିପଦ ବଢ଼ାଉଛି ଅର୍ଦ୍ଧନିର୍ମିତ ବମ୍ବେଛକ ଓଭରବ୍ରିଜ

# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ; ଯାତାୟାତ ବିପଜ୍ଜନକ



■ ଭୂମିପୂଜନ କରିଥିଲେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ



ସାରସକଣା/ଜାମଶୋଳା, ୧୯।୩(ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ଥିବା ଝାରପୋଖରିଆ ବା ବମ୍ବେଛକ ଏବେ ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥ ୧୮ ଓ ୪୯ନଂ.ର ସଂଯୋଗସ୍ଥଳରେ ଅର୍ଦ୍ଧନିର୍ମିତ ଓଭରବ୍ରିଜ୍ ପାଇଁ ଦୈନିକ ଛୋଟବଡ ଦୁର୍ଘଟଣା ଘଟି ନୀରିହଙ୍କ ଜୀବନ ଯାଉଛି। ପ୍ରାୟ ଏକ ମାସରୁ ଅଧିକ ସମୟ ହେଲା ଏହି ଓଭରବ୍ରିଜର ଅବଶିଷ୍ଟ କାର୍ଯ୍ୟ ପାଇଁ ମୟୂରଭଞ୍ଜ ଲୋକସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ପୁଣି ଭୂମି ପୂଜନ କରିଥିଲେ। ଏପରିକି ଭୂମିପୂଜନ ସମୟରେ ମିଠା ବାଣ୍ଟିଥିଲେ ; ଯାହା ଅଞ୍ଚଳ ପାଇଁ ଲୋକହସାର କାରଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ କର୍ମୀମାନେ ଖୁସି ହୋଇଗଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ସ୍ୱପ୍ନ ସତ ହେଲା ନାହିଁ; କିନ୍ତୁ ଝାରପୋଖରିଆ ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ଆଜିଯାଏ ଅର୍ଦ୍ଧନିର୍ମିତ ଓଭରବ୍ରିଜ କାମ ଆରମ୍ଭ ହୋଇପାରିନାହିଁ। ଫଳରେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୁର୍ଘଟଣା ବଢୁଛି। ଏ ନେଇ ପୂର୍ବରୁ ଆନ୍ଦୋଳନକୁ ନେଇ ମିଥ୍ୟା ମାମଲା ରୁଜୁ ହୋଇଥିବାରୁ ଏବେ ଅଞ୍ଚଳବାସୀ ବାଧ ହୋଇ ନିରବ ରହୁଛନ୍ତି। ଏହି ରାସ୍ତା ନିର୍ମାଣ ହେବା ପରେ ଦୋହରୀକରଣ ହୋଇ ଲୋକଙ୍କ ଯାତାୟାତ ସ୍ୱାଭାବିକ ହୋଇଥିଲା। କିଛିଦିନ ପରେ ରାସ୍ତା ନିର୍ମାଣର ଖର୍ଚ୍ଚ ଭରଣା ପାଇଁ ବମ୍ବେଛକରେ ଏକ ଟୋଲଗେଟ କରି ଟ୍ୟାକ୍ସ ଆଦାୟ ହେଉଛି। ତେବେ ଏହାକୁ ବିରୋଧ କରିଥିଲେ ସ୍ଥାନୀୟ ଜନସାଧାରଣ। ରାସ୍ତା ନିର୍ମାଣ ଏଲ.ଏଣ୍ଡ.ଟି ନାମକ ଠିକା ସଂସ୍ଥା କରିଥିଲା। ତେବେ ବମ୍ବେଛକ ନିକଟରେ ଥିବା ଓଭରବ୍ରିଜକୁ ଅଧାରେ ଛାଡି ପଳାଇବା ଯିବା ଫଳରେ ଏବେ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି। ଏହି ରାସ୍ତା କଲକାତାରୁ ବମ୍ବେ ୪୯ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ଭାରୀଯାନ ଚଳାଚଳ କରୁଛି। ତେଣୁ ରାସ୍ତାରେ ବହୁତମାତ୍ରରେ ଧୂଳି ଉଡୁଥିବା ହେତୁ ଯାତାୟତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ, ବଡ଼ ଗାଡ଼ ହୋଇ ପାଣି ଭର୍ତ୍ତି ହୋଇ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଯାତାୟାତ ବାଧାପ୍ରାପ୍ତ ହେବା ସହିତ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ ଆରୋହୀମାନେ ସେହି ଗର୍ତ୍ତରେ ପଡୁଥିବା ନଜିର ରହିଛି। ଫଳରେ ଗାଡି କ୍ଷତିଗ୍ରସ୍ତ ହେବା ସହିତ ବାଇକଚାଳକମାନେ ମଧ ଆହତ ହେଉଛନ୍ତି। ସେହିପରି ଚାରିଚକିଆ, ୬ଚକିଆ ପରି ଭାରୀଯାନ ମଧ ଦୈନିକ ଚକ ଫାଟିବା ଅଞ୍ଚଳ ପାଇଁ ସାଧାରଣ କଥା ପାଲଟିଛି। ରାସ୍ତାରୁ ପିଚୁ ଚିପ୍ସ ମେଟାଲ ବାହାରି ବିଛୁଡି ହୋଇ ପଡ଼ିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ନିର୍ମାଣ ଶେଷ ହୋଇ ନ ଥିବାରୁ ଖରା ହେଲେ ନାହିଁ ନଥିବା ଧୂଳି ଉଡିବା ସହିତ ବର୍ଷା ହେଲେ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ପାଣି ଭର୍ତ୍ତି ହୋଇଯାଉଛି। ଫଳରେ ଦୁର୍ଘଟଣା ଘଟୁଛି। ବମ୍ବେଛକରୁ ବିଶୋଇ ପର୍ଯ୍ୟନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦୁଆରଶୁଣୀ ଘାଟି ରାସ୍ତାରେ ପ୍ରାୟ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଅନ୍ୟପଟେ ଦୁଆରଶୁଣୀ ଘାଟି ରାସ୍ତା ଅଣଅସାରିଆ ଥିବାରୁ ଗାଡି ଚଳାଇବାବେଳେ ବହୁ ଲୋକ ନିୟନ୍ତ୍ରଣ ହରାଇ ଘାଟି ତଳକୁ ଖସି ମୃତ୍ୟୁମୁଖରେ ପଡୁଛନ୍ତି। ଏବେ ରାସ୍ତା ମରାମତି କାର୍ଯ୍ୟ ଚାଲୁ ରହିଛି। ତେଣୁ ଓଭରବ୍ରିଜ ତଳ ଓ ଆଖପାଖ ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ପୋଡ଼ାଡିହା-କଣ୍ଟାଗଡ଼ି ରାସ୍ତା ଶୋଚନୀୟ



କପ୍ତିପଦା, ୧୯।୩(ସମିସ): କପ୍ତିପଦା ବ୍ଲକ ଜେଏସଜାମଡିହା ପଞ୍ଚାୟତର ପୋଡାଡିହା-କଣ୍ଟାଗଡ଼ି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତିଆରି ହୋଇଥିଲା; ମାତ୍ର ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ଦ୍ୱାରା ହେବାକୁ ଥିବାବେଳେ ଆଜିଯାଏ ଥରେ ବି ମରାମତି ହୋଇନାହିଁ। ଫଳରେ ରାସ୍ତାଟି ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ କୋଳିଅଳମ, ଦେବଳା ଓ ଜେଏସଜାମଡିହା ପଞ୍ଚାୟତର ୧୦ହଜାର ଲୋକେ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ସ୍କୁଲ, କଲେଜ, ତହସିଲ, ଥାନା ଏବଂ ମେଡ଼ିକାଲକୁ ଯାତାୟାତ କରୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଭିନ୍ନ ସମୟରେ ମଧ ଦୁର୍ଘଟଣା ଘଟିଥିବା ନଜିର ରହିଛି। ରାସ୍ତାରୁ ପିଚୁ, ଚିପସ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ତେଣୁ ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ନିରୋଜ ପୋଥାଲଙ୍କ ମାତୃ ବିୟୋଗ



ବାରିପଦା, ୧୯।୩(ସମିସ): ମଙ୍ଗଳବାର ସକାଳେ ୱାଲିଗଞ୍ଜସ୍ଥିତ ବାସଭବନରେ ସମାଜସେବୀ ନିରୋଜ କୁମାର ପୋଥାଲଙ୍କ ମାତା ଲଳିତା ପୋଥାଲ (୭୬)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ନିରୋଜଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ କାଉନସିଲର ରାଜ ଗୁପ୍ତା, ସମାଜସେବୀ ସୋମନାଥ ସିଂହ, ପରିତୋଷ ଦାଶ, ବିମ୍ବାଧର ସାହୁ, ଭବାନୀ ବିଶ୍ୱାଳ, ବିଜୟଲକ୍ଷ୍ମୀ ନାୟକ, ମାନି ଗିରି, ତପସ୍ୱିନୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ନାରାୟଣ ସେବା ଟ୍ରଷ୍ଟର ସଭାପତି ବସନ୍ତ ମହାପାତ୍ର ଓ ସମ୍ପାଦକ ପ୍ରତାପେଶ୍ୱର ଦାଶ ସମେତ ସଭ୍ୟ/ସଭ୍ୟା ତଥା ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ପୁତ୍ର ନିରୋଜ ମୁଖାଗ୍ନି ଦେଇଥିଲେ।

### ମିଳୁନି ହାତୀଜନିତ କ୍ଷୟକ୍ଷତି; ତେଜୁଛି ଅସନ୍ତୋଷ

## ଆବେଦନ ପରେ ବି ଚାଷୀ ନିରାଶ

ବେତନଟୀ, ୧୯।୩(ସମିସ): ବେତନଟୀ ରେଞ୍ଜ ଇଲାକାରେ ବର୍ଷତମାମ ହାତୀପଲ ବ୍ୟାପକ କ୍ଷତି କରୁଛନ୍ତି; ହେଲେ କ୍ଷତିପୂରଣ ପାଇଁ ଚାଷୀ ଆବେଦନ କରୁଥିଲେ ମଧ କୌଣସି ସରକାରୀ ସହାୟତା ମିଳୁନାହିଁ। ଯାହାକୁ ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ତେଜିବାରେ ଲାଗିଛି। ସୂଚନା ମୁତାବକ, ବେତନଟୀ ରେଞ୍ଜରେ ବର୍ଷତମାମ ଶିମିଳିପାଳ ହାତୀପଲଙ୍କ ଚଳପ୍ରଚଳ ତଥା ଦୌରାତ୍ମ୍ୟ ସାଙ୍ଗକୁ ଅମଳ ସମୟରେ ପାଚିଲାଧାନ ଖାଇ ବ୍ୟାପକ ନଷ୍ଟ କରୁଛନ୍ତି। ଏନେଇ ପୂର୍ବରୁ ଲିଖିତ ଅଭିଯୋଗ ପରେ ବନବିଭାଗ ପକ୍ଷରୁ ତଦନ୍ତପୂର୍ବକ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦାଖଲ ପରେ କ୍ଷତିଗ୍ରସ୍ତଙ୍କୁ ସରକାରୀ କ୍ଷତିପୂରଣ ମିଳୁଥିଲା ; ମାତ୍ର କିଛିବର୍ଷ ହେବ ବନବିଭାଗ ପକ୍ଷରୁ ଜାରି କରାଯାଇଥିବା ଅନୁକମ୍ପା ଆପ୍ ମାଧମରେ ଅନଲାଇନ ଆବେଦନ ପରେ କ୍ଷତିପୂରଣ ରାଶି ମିଳିଥାଏ। ମାତ୍ର ବେତନଟୀ ରେଞ୍ଜ ଅଧୀନ କୁରାଡିକ, ସଇତପୁର, ବାଘବସା, ଚହଲାପଦା, କ୍ଷେତ୍ରପାଟଣା, ଜାମଶୂଳି, ଫାଳଝରୀ, ଚାଞ୍ଚିପଦା, ମଗୁଶିରିଆ ଆଦି ଅଞ୍ଚଳରେ ହୋଇଥିବା ହାତୀପଲ ଜନିତ କ୍ଷୟକ୍ଷତି ବାବଦକୁ ଅନଲାଇନରେ ଆବେଦନ ପରେ ୨୦୨୩ ମସିହା ଡିସେମ୍ବରରେ ବନବିଭାଗ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନାହିଁ। ଯାହାକୁ ନେଇ ଚାଷୀଙ୍କ ସମେତ କ୍ଷତିଗ୍ରସ୍ତ ପରିବାର ମଧରେ ପୁଞ୍ଜିଭୂତ ଅସନ୍ତୋଷ ଏବେ ଉଗ୍ରରୂପ ଧାରଣ କରିବାକୁ ଯାଉଛି। ଶୀଘ୍ର କ୍ଷତିପୂରଣ ରାଶି ନ ମିଳିଲେ ଭୋଟବର୍ଜନ ସହିତ ଆନ୍ଦୋଳନ କରିବେ ବୋଲି ଚାଷୀ ଏବଂ ପରିବାର ସଜବାଜ ହେଉଛନ୍ତି। ଏ ନେଇ ରେଞ୍ଜର ମନ୍ଦୁୱର ଖାଁଙ୍କ ସହିତ ଯୋଗାଯୋଗ କରିବାରୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ସମସ୍ତ ଆବଶ୍ୟକ କାଗଜପତ୍ର ଟ୍ରେଜେରୀ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ମାର୍ଚ୍ଚମାସ ପାଇଁ ଏହି ପ୍ରକ୍ରିୟା ବିଳମ୍ବ ହେଉଥିବା ସେ କହିଛନ୍ତି।

## ବରିଷ୍ଠ ଆଇନଜୀବୀ ଅଶୋକ ଘୋଷଙ୍କ ଏକାଦଶାହରେ ଶୋକସଭା



ବେତନଟୀ, ୧୯।୩(ସମିସ): ବେତନଟୀର ବରିଷ୍ଠ ଆଇନଜୀବୀ ତଥା ବାର ଆସୋସିଏସନର ପ୍ରଥମ ସମ୍ପାଦକ ଅଶୋକ କୁମାର ଘୋଷ ଓରଫ ଟାବୁ ଦା'ଙ୍କ ସ୍ମୃତିରେ ସୋମବାର ଆନନ୍ଦବଜାରସ୍ଥିତ ସଂସ୍କୃତି ଭବନ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱଆନନ୍ଦ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ସଭାରେ ଟାବୁ ଦା'ଙ୍କୁ ଭଲ ପାଉଥିବା ବହୁ ଶୁଭେଚ୍ଛୁ ଏବଂ ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସମାଜ ଏବଂ ସଂଗଠନକୁ ଭଲପାଉଥିବା ତଥା ଏକାଧିକ ସାମାଜିକ ସଂଗଠନର ଉଦ୍ୟୋକ୍ତା ଭାବରେ ଟାବୁ ଦା'ଙ୍କ ତୁଳନା ନାହିଁ ବୋଲି ଆଜିର ଏହି ଶୋକସଭାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୀଲ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ।ସଭାରେ ପ୍ରାକ୍ତନ ସାଂସଦ ଐୟରଖାରବେଳ ସ୍ୱାଇଁ, ବେତନଟୀ ବାର ଆସୋସିଏସନର ପ୍ରଥମ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦ୍ୟୁମ୍ନ ପରିଡ଼ା, ସମାଜସେବୀ ଛତିଶଚନ୍ଦ୍ର ପାତ୍ର, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ବିଶିଷ୍ଟ ବ୍ୟବସାୟୀ ରାମେଶ୍ୱର ମିଶ୍ର, ମଣ୍ଡଳସଭାପତି ରାଜକିଶୋର ଶାହା, ସରପଞ୍ଚ ପାନମଣି ମୁର୍ମୁ, ଡ. ଆଶିଷ ବାନାର୍ଜି, ପ୍ରାକ୍ତନ ଜିଲ୍ଲା ପରିଷଦ ଇଂ. ସୁଶାନ୍ତ ବଳା, ଗୌତମଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅରୁଣ କୁମାର ଓତା, ପ୍ରାକ୍ତନ ବ୍ଲକ ଉପାଧକ୍ଷା ଅମ୍ବିକା ବାରିକ, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା, ଅଶୋକ ଖଣ୍ଡେଲୱାଲ, ନିରଞ୍ଜନ ବେହେରା, ସିଭିଲ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ସାହିତ୍ୟାନୁଷ୍ଠାନ କବିସଙ୍ଗମର ପ୍ରତିଷ୍ଠାତା ବାସୁଦେବ ନାପିତ, ବିଜୟ ଦ୍ୱିବେଦୀ, ଯତୀନ୍ଦ୍ରନାଥ ସାହୁ, ଦେବବ୍ରତ ପରିଡ଼ା, ପ୍ରବୀର ବାରିକ, ରଣଜିତ ଗନ୍ତାୟତ, ହରେକୃଷ୍ଣ ବେହେରା, ଗଣେଶ୍ୱର ବିନ୍ଧାଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଚରଣବିଧି ଲାଗୁ ପରେ ହଟିଲା ବ୍ୟାନର ଓ ହୋର୍ଡିଂ



ସାରସକଣା/ଜାମଶୋଳା, ୧୯।୩ (ସମିସ): ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ପାଇଁ ତାରିଖ ଘୋଷଣା ହୋବା ପରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଫଳରେ ସାରସକଣା ବ୍ଲକ ସମ୍ମୁଖରେ ଓବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂ, ବ୍ୟାନରକୁ ହଟାଇ ଦିଆଯାଇଛି। ଏହି ଅଭିଯାନ ବିଭିନ୍ନ ଡାକ୍ତରଖାନା, ପଞ୍ଚାୟତ, ତହସିଲ ବ୍ଲକ ପରିସରରେ ଲାଗିଥିବା ବ୍ୟାନର ଏବଂ ହୋର୍ଡିଂଗୁଡିକୁ ମଧ ସୋମବାର କାଢି ଦିଆଯାଇଅଛି। ତେବେ ବିଭିନ୍ନ ସରକାରୀ ଯୋଜନା ଯେଉଁଭଳି ଭାବରେ ମତାମତ କୌଣସି ପ୍ରକାରେ ପ୍ରଭାବିତ ହେବେ ନାହିଁ ସେହି ଉଦ୍ଦେଶ୍ୟରେ ନିର୍ବାଚନ କମିଶନ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗକୁ ସମସ୍ତ ପ୍ରକାର ସରକାରୀ ଚିହ୍ନ ହୋର୍ଡିଂ ଓ ବ୍ୟାନରକୁ ଖୋଲାଯିବ; ନଚେତ୍ ଆବଶ୍ୟକ ପଡ଼ିଲେ ଘୋଡ଼ାଇ ଦିଆଯିବ ବୋଲି ଜଣାପଡ଼ିଛି।

## ବ୍ୟାଟେରୀ ଚୋର ଗିରଫ



ମୋରଡା, ୧୯।୩(ସମିସ): ମୋରଡା ପୁଲିସ ବ୍ୟାଟେରୀ ଚୋରି ସନ୍ଦେହରେ ମଙ୍ଗଳବାର ଭୋରୁ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ଦୁଧୀଶୋଳ ଗ୍ରାମର ପର୍ଶୁରାମ ନାଏକ। ସୂଚନା ଅନୁଯାୟୀ, ମୋରଡା ଥାନା ଅଧୀନ ସପ୍ଲାଇ ଛକ ନିକଟରେ ଥିବା ଜିଓ ଟାୱାର ନିକଟରେ ସୋମବାର ବିଳମ୍ବିତ ରାତିରେ ପର୍ଶୁରାମ ଏବଂ ଅନ୍ୟ ଜଣେ ଯୁବକ ଏ ଉକ୍ତ ଟାୱାରର ଷ୍ଟ୍ରଙ୍ଗରୁମର କବାଟ ଖୋଲିବା ପାଇଁ ଚେଷ୍ଟା କରିଥିଲେ। ଟାୱାର ଟେକ୍ନିସିଆନ ଦୀନବନ୍ଧୁ ବେହେରା ଏହା ଜାଣିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଚତୁରତାର ସହିତ ଅନ୍ୟ ଜଣେ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ପର୍ଶୁରାମ ମଧ ଦୌଡ଼ି ପଳାଇଥିଲା। ପରେ ଟେକ୍ନିସିଆନ ଶ୍ରୀ ବେହେରା ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କୁ ଖବର ଦେଇଥିଲେ। ଶ୍ରୀ ସୋରେନ ପହଞ୍ଚି ଚୋରକୁ ଖୋଜାଖୋଜି କରିବା ପରେ ପାଟପୁର ଛକ ନିକଟରେ କାବୁ କରି ଫାଣ୍ଡିକୁ ଆଣିଥିଲେ। ଏ ନେଇ ମୋରଡା ଥାନାରେ ଏକ ମାମଲା ରୁଜୁ କରି ଚିତ୍ରଡା ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି।

## ଛାତ୍ରଛାତ୍ରୀ କମନ୍‌ରୁମର ବାର୍ଷିକ ଉତ୍ସବ




ବାରିପଦା, ୧୯।୩(ସମିସ): ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ କମନ ରୁମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଲେଜର ଏକାଡେମିକ ମୁଖ୍ୟ ପ୍ରଫେସର ପ୍ରମୋଦଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଜୀବନରେ ଅବସର ବିନୋଦନ ତଥା କ୍ରୀଡାର ଭୂମିକା ସମ୍ପର୍କରେ ନିଜ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ। କ୍ରୀଡା ଶିକ୍ଷକ ସତ୍ୟନାରାୟଣ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହ ସର୍ବ ଭାରତୀୟ ସ୍ତରରେ କଲେଜ ଛାତ୍ରଛାତ୍ରୀଙ୍କ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧରେ ଅନୁଷ୍ଠିତ ଚେସ, କ୍ୟାରମ, ଟେବୁଲ ଟେନିସ, ବ୍ୟାଡମିଣ୍ଟନ ଆଦିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ କମନରୁମର ଉପସଭାପତି ଅଧାପିକା ରାଇମଣି ମାରାଣ୍ଡି ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ର କମନରୁମ ଉପସଭାପତି ଅଧାପକ ଦେବାଶିଷ ଦାସ ଶେଷରେ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ କଲେଜ ପ୍ରଶାସନିକ ମୁଖ୍ୟ ଡ଼. ଦୀପକ ବେହେରା, ବିତ୍ତୀୟ ମୁଖ୍ୟ ଡ଼. ଆଶୁତୋଷ ପ୍ରୟାସ ଦାଶ, କମନରୁମ କମିଟି ସଦସ୍ୟ ଡ଼. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଆଲେକ୍ସ ହେମ୍ବ୍ରମ, ନାରାୟଣ ବେହେରା, ମଧୁସ୍ମିତା ସିଂ, ସୋନାଲି ମହାନ୍ତ, ମଧୁ ମଞ୍ଜରି ସିଂ, ଇତିଶ୍ରୀ ସେଠି ଓ ସ୍ୱୟଂପ୍ରଭା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟନକୁ ୯ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହେଲାନି ଆକାଶବାଣୀ କେନ୍ଦ୍ର



ରାଇରଙ୍ଗପୁର, ୧୯।୩(ସମିସ): ବିଜାତଳା ବ୍ଲକ ଅଧୀନ ଅସନବଣିଠାରେ ୨୦୧୬ ଜାନୁୟାରୀ ୧୦ ତାରିଖରେ ଆକାଶବାଣୀ କେନ୍ଦ୍ର ଉଦଘାଟିତ ହୋଇଥିଲା। ତେବେ ଉଦଘାଟନକୁ ୭ ବର୍ଷ ପୂରି ଯାଇଥିଲେ ମଧ ଯାଏଁ ଆକାଶବାଣୀ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ। କେନ୍ଦ୍ର ପେଟ୍ରୋଲିୟମ ଓ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି କେନ୍ଦ୍ର ଉଦଘାଟିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ପୂର୍ବତନ ରାଇରଙ୍ଗପୁର ବିଧାୟକ ସାଇବା ସୁଶୀଲ କୁମାର ହାଁସଦା, ସାରସକଣା ବିଧାୟକ ଭାଦବ ହାଁସଦା, ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହର ସମେତ ରାଇରଙ୍ଗପୁର, ବହଳଦା, ବିଶୋଇ, ତିରିଂ, ବିଜାତଳା, କୁସୁମୀ ଓ ଜାମଦା ବ୍ଲକ ଅଞ୍ଚଳର ଜନସାଧାରଣ ବେଶ ଉତ୍ସାହିତ ହୋଇଥିଲେ। କଳା, ସଂସ୍କୃତି, ପରମ୍ପରା ସହିତ ସଙ୍ଗୀତର ପ୍ରଚାର ଓ ପ୍ରସାର ହେବ ବୋଲି ଆଶା କରାଯାଉଥିଲା। ଆକାଶବାଣୀ ଏକ ଶ୍ରବଣ ମାଧମ ରହିଅଛି। ଟିଭି, ମୋବାଇଲ ବ୍ୟବହାର ପୂର୍ବରୁ ରେଡିଓ ମାଧମରେ ଶିଶୁଠାରୁ ପୌଢ ସମସ୍ତେ ଆକାଶବାଣୀର କାର୍ଯ୍ୟକ୍ରମ ଶୁଣିବା ପାଇଁ ଶ୍ରୋତାମାନେ ବିଭୋର ହୋଇଉଠୁଥିଲେ। ଏଥିପାଇଁ ଆକାଶବାଣୀର ବିଭିନ୍ନ କାର୍ଯ୍ୟକ୍ରମକୁ ରେଡିଓ ମାଧମରେ ପ୍ରଚାର ପ୍ରସାର କରାଯାଇଆସୁଥିଲା; ମାତ୍ର ଏବେ ସମୟ ବଦଳିଛି, ମୋବାଇଲରେ ମଧ ଆକାଶବାଣୀର କାର୍ଯ୍ୟକ୍ରମକୁ ଶ୍ରୋତାମାନେ ଶୁଣିବାକୁ ସକ୍ଷମ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆକାଶବାଣୀ ଜରିଆରେ ପ୍ରତି ରବିବାର ପ୍ରସାରିତ ହୋଇଆସୁଥିବା 'ମନ କୀ ବାତ୍ କାର୍ଯ୍ୟକ୍ରମ ବେଶ୍ ଲୋକପ୍ରିୟ ହୋଇଥିଲା। ରାଇରଙ୍ଗପୁର ଅଞ୍ଚଳରେ ଆକାଶବାଣୀ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲେ ସେଥିରେ ସରକାରୀ ଅଧିକାରୀ, କର୍ମଚାରୀମାନେ ନିଯୁକ୍ତି ହୋଇଥାନ୍ତେ। ଏହା ବ୍ୟତୀତ ଅସ୍ଥାୟୀ ଭାବେ କାର୍ଯ୍ୟକ୍ରମ ଉପସ୍ଥାପକ, ଉଦଘୋଷକଙ୍କ ସମେତ ବିଭିନ୍ନ ଗୀତସଙ୍ଗୀତ ପରିବେଷଣ ନିମନ୍ତେ ବହୁ କଳାକାରଙ୍କୁ ସୁବିଧା ଓ ସୁଯୋଗ ମିଳିପାରିଥାନ୍ତା। ଏହାଦ୍ୱାରା କଳାକାରମାନେ ନିଜର ପ୍ରତିଭା ପ୍ରତିପାଦିତ କରିବା ସହ ପାରିଶ୍ରମିକ ପାଇପାରିବା ସହ ହଜିଯାଉଥିବା ଲୋକଗୀତ ଓ ଲୋକକଳାକୁ ଭାରତ ସରକାରଙ୍କ ଆକାଶବାଣୀ ମାଧମରେ ପ୍ରଚାରପ୍ରସାର କରାଇବାର ସୁବିଧା ଓ ସୁଯୋଗ ସୃଷ୍ଟି ହୋଇପାରନ୍ତା। ମୟୂରଭଞ୍ଜର ସାଂସଦ ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ରମନ୍ତ୍ରୀ ଥିବାସତ୍ତ୍ୱେ ଆକାଶବାଣୀ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଆଦୌ ଗୁରୁତ୍ୱ ନ ଦେବା ପରିତାପର ବିଷୟ। କେବଳ ଏତିକି ନୁହେଁ, ଉକ୍ତ ଆକାଶବାଣୀ କେନ୍ଦ୍ରର ପ୍ରସାରଣ ପରିଧି ଅଞ୍ଚଳରୁ ବିଧାୟକ ରାଇରଙ୍ଗପୁର, ସାରସକଣା ବିଧାୟକ, ଏବଂ ଯଶିପୁର ବିଧାୟକ ପ୍ରତିନିଧିତ୍ୱ କରୁଥିଲେ ମଧ ସେମାନେ ଏ ସମ୍ପର୍କରେ ଆଦୌ ମୁହଁ ଖୋଲିନାହାନ୍ତି। ବର୍ତ୍ତମାନ ଉକ୍ତ କେନ୍ଦ୍ରର ନିଜସ୍ୱ କାର୍ଯ୍ୟକ୍ରମ ପ୍ରସାରଣ ନଥିବା ବେଳେ କେବଳ ଆକାଶବାଣୀ କଟକ କେନ୍ଦ୍ର କାର୍ଯ୍ୟକ୍ରମକୁ ଅନୁପ୍ରସାରଣ କରିଚାଲିଛି। ତେବେ ରାଇରଙ୍ଗପୁର ଆକାଶବାଣୀ କେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା ଦିଗରେ ମୟୂରଭଞ୍ଜ ସାଂସଦ ତଥା ବିଧାୟକ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଆଉ ଦେଖିବାକୁ ମିଳୁନି ଆମ୍ବ ତୋଟା

**ତୋଟା ସଂସ୍କୃତିର ପୁନଃଉଦ୍ଧାର ଦାବି**

**କେନ୍ଦୁଝର,୧୯।୩(ସମିସ)**

କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗାଁ ଗୁଡିକରେ ଶହ ଶହ ଆମ୍ବତୋଟା ଥିଲା। ଜିଲ୍ଲାର ପ୍ରାୟ ସମସ୍ତ ରାଜସ୍ୱ ଗ୍ରାମ ଗୁଡିକରେ ଆମ୍ବ ତୋଟା ଦୃଷ୍ଟିଗୋଚର ହେଉଥିଲା। ଆମ୍ବତୋଟା ସଂସ୍କୃତି ବହୁ ପୁରୁଣା ଏବଂ ଏହା ଗ୍ରାମାଞ୍ଚଳରେ ଅଧିକ ଦେଖାଯାଉଥିଲା। କିନ୍ତୁ ଏବେ ପରିସ୍ଥିତି ବଦଳି ଗଲାଣି। ଜିଲ୍ଲାରେ ଥିବା ଅନେକ ଆମ୍ବତୋଟା ବିଲୁପ୍ତ ପ୍ରାୟ। ନୂତନ ଆମ୍ବତୋଟାର ସୃଷ୍ଟି ଆଦୌ ହେଉନାହିଁ। ପୁରୁଣା ଆମ୍ବତୋଟା ଗୁଡିକର ପୁନଃଉଦ୍ଧାର ପ୍ରତି ସଦିଚ୍ଛାର ଅଭାବ ରହୁଛି। ପୂର୍ବରୁ ଆମ୍ବ ତୋଟାଗୁଡିକ ସଂପୃକ୍ତ ଅଞ୍ଚଳର ଲୋକଙ୍କ ପାଇଁ ଆମୋଦ ପ୍ରମୋଦର ପ୍ରମୁଖସ୍ଥଳୀ ପାଲଟୁଥିଲା। ଏଠାରେ ଗାଁ ଗୁଡିକର ପ୍ରମୁଖ କାର୍ଯ୍ୟକ୍ରମଗୁଡିକ ମଧ୍ୟ ଅନୁଷ୍ଠିତ ହେଉଥିଲା। ଗ୍ରୀଷ୍ମଋତୁରେ ଲୋକେ ଶୀତଳ ପବନର ମଜ୍ଜା ନେବା ସହିତ ତୋଟାରୁ ସ୍ୱାଦିଷ୍ଟ ଆମ୍ବ ସଂଗ୍ରହ କରି କାଟି ଏକତ୍ର ବସି କଞ୍ଚା ଆମ୍ବ ଖିଆ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଆଗରୁ ଗ୍ରାମ ନିକଟରେ ଥିବା ସରକାରୀ ଜମିଗୁଡିକରେ ଆମ୍ବତୋଟା ସୃଷ୍ଟି କରାଯାଉଥିଲା। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମବାସୀ ନେଉଥିଲେ। ପରବର୍ତ୍ତୀ ସମୟରେ ଏହି ଆମ୍ବତୋଟା ଲୋକଙ୍କ କାମରେ ଲାଗୁଥିଲା। ଏଠାରେ ଫଳୁଥିବା ଆମ୍ବ ସମସ୍ତ ଗ୍ରାମବାସୀ ସଂଗ୍ରହ କରି ଆଚାର, ଆମ୍ବୁଲ, ଆମ୍ବସଢା ଆଦି ତିଆରି କରି ଏହାକୁ ବର୍ଷସାରା ବ୍ୟବହାର କରୁଥିଲେ। କେବଳ ସରକାରୀ ଜମି ନୁହେଁ ବ୍ୟକ୍ତିଗତ ଜମିରେ ମଧ୍ୟ ଲୋକେ ଆମ୍ବଗଛ ଲଗାଇ ତୋଟା ସୃଷ୍ଟି କରୁଥିଲେ। ସେଠାରେ ଭଲ ଦେଶୀ କିଶମର ଆମ୍ବଗଛ ସହ କଲମୀ ଆମ୍ବଗଛ ରୋପଣ କରାଯାଉଥିଲା। ବର୍ତ୍ତମାନ ଆମ୍ବତୋଟାଗୁଡିକ ସଂପୂର୍ଣ୍ଣ ଲୋପ ପାଇବାକୁ ବସିଛି। ଯଦିଓ କିଛି ସ୍ଥାନରେ ଏହା ଅଛି, ଗଛଗୁଡିକ ଅତ୍ୟନ୍ତ ବୁଢା ହୋଇଗଲାଣି। କେତେକ ସ୍ଥାନରେ ଗଛ ସବୁ ମରିଗଲାଣି ଓ କେତେକ ସ୍ଥାନରେ ଆଉ ଫଳ ଫଳୁନାହିଁ। ପ୍ରଶାସନ ପକ୍ଷରୁ ବର୍ଷାଋତୁରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରୁଛନ୍ତି। କିନ୍ତୁ ନୂତନ ଆମ୍ବତୋଟା ସୃଷ୍ଟି କରିବାରେ ମନ ଦେଉନାହାଁନ୍ତି। କେବଳ କୃଷ୍ଣଚୂଡା, ବଉଳ, ଚାକୁଣ୍ଡା, ଗମ୍ଭାରୀ, ନିମ୍ବ ପ୍ରଭୃତି ଗଛ ଲଗାଯିବା ପ୍ରତି ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଆମ୍ବ ଭଳି ଫଳନ୍ତି ଗଛ ଲଗାଯିବାକୁ ଗୁରୁତ୍ୱ ଦିଆଯାଉନାହିଁ। ଜିଲ୍ଲାର ବିଭିନ୍ନ ରାଜପଥ ଏବଂ ଗ୍ରାମ୍ୟ ରାସ୍ତା କଡରେ ପୂର୍ବରୁ ହଜାର ହଜାର ଆମ୍ବଗଛ ଲଗାଯାଇଥିଲା। କେନ୍ଦୁଝର ରାଜା ଏଗୁଡିକୁ ଲଗାଇଥିବା ପୁରୁଖା ଲୋକମାନେ କୁହନ୍ତି। ରାସ୍ତା ସଂପ୍ରସାରଣ ଓ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ ଆଳରେ ଏସବୁ ଗଛ କଟା ଯାଇସାରିଲାଣି। ପ୍ରତିବଦଳରେ ସେତିକି ଆମ୍ବ ଗଛ ଲଗାଇବା ଉପରେ ଧ୍ୟାନ ଦିଆଯାଉନାହିଁ। ତେଣୁ ରାସ୍ତା କଡରେ ଆଉ ଆମ୍ବଗଛଟିଏ ଦେଖିବାକୁ ମିଳୁନି। ଫଳରେ କେତେକ ସ୍ଥାନରେ କଳସପୂଜା କରିବାକୁ ଆମ୍ବ ଡାଳଟିଏ ପାଇବା କଷ୍ଟକର ବ୍ୟାପାର ହେଲାଣି। କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ବ୍ଲକର ପ୍ରାୟ ଅଧିକାଂଶ ଗ୍ରାମରେ ଆମ୍ବତୋଟା ଦେଖିବାକୁ ମିଳୁଥିଲା। ଏବେ କିନ୍ତୁ ପରିସ୍ଥିତି ଓଲଟା। ବୃକ୍ଷଶୂନ୍ୟ ହୋଇଗଲାଣି ସେହି ସ୍ଥାନଗୁଡିକ। ଦିନେ ଯେଉଁଠାରେ ଆମ୍ବତୋଟା ଦେଖିବାକୁ ମିଳୁଥିଲା ଏବେ ତାହା ଜବରଦଖଲକାରୀଙ୍କ କବ୍‌ଜାରେ। ଗଛ କଟାଯାଇ ସେଠାରେ ବାଣିଜ୍ୟିକ ପ୍ରତିଷ୍ଠାନ ଗଢିଉଠିଲାଣି ସେହି ସ୍ଥାନରେ। ବନ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ ସରକାରି ଜମିରେ ଆମ୍ବଗଛ ଲଗାଇ ପୂର୍ବ ଭଳି ଆମ୍ବତୋଟା ସୃଷ୍ଟି କରିବା ଦୀଗରେ ପଦେକ୍ଷପ ନେବା ଆବଶ୍ୟକତା ଅନୁଭବ ହେଲାଣି। ବିଲୁପ୍ତ ତୋଟା ଗୁଡିକର ପୁନଃଉଦ୍ଧାର, ନୂତନ ଆମ୍ବତୋଟା ପାଇଁ ପଦକ୍ଷେପ ନେଲେ ଜିଲ୍ଲାର ପାରମ୍ପରିକ ତୋଟା ସଂସ୍କୃତିକୁ ପୁନଃର୍ଜୀବିତ କରାପାଇପାରନ୍ତା ବୋଲି ମତପୋଷଣ ହେଉଛି।



# ● କାଳବୈଶାଖୀ ପ୍ରଭାବରେ ବଜ୍ରଘାତ

## ଜଳିଗଲା ଘର;ଅଳ୍ପକେ ବର୍ତ୍ତିଲେ ପରିବାର

**ରାମଚନ୍ଦ୍ରପୁର,୧୯ ।୩(ସମିସ):** କାଳ ବୈଶାଖୀ ପ୍ରଭାବରୁ ଅଦିନିଆଁ ବର୍ଷା ସାଙ୍ଗକୁ ଗତକାଲି ଭୋରରୁ ବଜ୍ରପାତ ପଡିବାରୁ ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ନୂହାମାଳିଆ ଗ୍ରାମର ମୋଚିଆ ମୁଣ୍ଡାଙ୍କ ଘରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକ ସୌଭାଗ୍ୟ ବସତଃ ଏକ ନିଶ୍ଚିନ୍ତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ମଙ୍ଗଳବାର ଭୋର ସମୟରେ କାଳବୈଶାଖି ପ୍ରଭାବରୁ ହଠାତ ଘନ ଘନ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବରେ ନୂହାମାଳିଆ ଗ୍ରାମର ମୋଚିଆ ମୁଣ୍ଡା ଘର ହଠାତ ଜଳି ଉଠିଥିଲା। ଘର ଭିତରେ ଶୋଇଥିବା ପରିବାର ଲୋକ ଏକ ନିଶ୍ଚିନ୍ତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ବଜ୍ରପାତ ପରେ ଘରର ଆଜବେଷ୍ଟ କେତେକ ସ୍ଥାନରେ ଭାଙ୍ଗି ଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ପାଳ ଏବଂ ଘରେ ଲାଗିଥିବା କାଠରେ ନିଆଁ ଲାଗି ଯାଇଥିଲା। ପରେ ପରିବାର ଲୋକ ମିଶି ନିଆଁକୁ ଆୟତ୍ତ କରିଥିଲେ। ମୋଚିଆ ନିହାତି ଗରିବ। ମୂଲ ମଜୁରୀ କରି ପରିବାର ପୋଷଣ କରିଥାନ୍ତି। ପ୍ରଶାସନିକ ସ୍ତରରେ କ୍ଷୟକ୍ଷତିର ଆକଳନ କରାଯାଇ ଯଥାଶିଘ୍ର ମୋଚିଆକୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନିୟ ଲୋକେ ଦାବି କରିଛନ୍ତି।



## ମୋଚିନ୍ଦାରେ କଂଗ୍ରେସର କର୍ମୀ ସମାବେଶ

**ଆନନ୍ଦପୁର,୧୯।୩(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ମୋଚିନ୍ଦାଠାରେ ଆଜି କଂଗ୍ରେସର ୨ନଂ ଜୋନସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ବିଷ୍ଣୁ ପ୍ରସାଦ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ଶ୍ରୀରାଧାକୃଷ୍ଣ ପଡିଆଠାରେ ଆୟୋଜିତ ଏହି ସମାବେଶ ସଭାପରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗ ଦେଇ ୨ନଂ ଜୋନରେ କଂଗ୍ରେସର ସଂଗଠନକୁ ମଜବୁଥ୍ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ଜେନା, ରାଜ୍ୟ ସମ୍ପାଦକ ଆଲୋକ କୁମାର ମିଶ୍ର, ଜିଲା ଉପସଭାପତି ନିକୁଞ୍ଜ ବିହାରୀ ମିଶ୍ର, ଆନନ୍ଦପୁର ସଭାପତି ହାଡିବନ୍ଧୁ ଖୁଣ୍ଟିଆ, ସୁରେଶ ଜେନା, ମୁରଲୀଧର ବେହେରା , ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସତ୍ୟବ୍ରତ ଜେନା, ବରିଷ୍ଠ କଂଗ୍ରେସ ନେତା ଶ୍ରୀଧର ଦଳେଇ ଯୋଗ ଦେଇ ଆଗାମୀ ନିର୍ବାଚନ ପାଇଁ ରଣକୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଶିବୁ ଦେହୁରୀ, ବିଭୂ ଘଡେଇ, ମଣିଭଦ୍ର ଜେନା, ମାନସ ଜେନା, ସୁଦର୍ଶନ ସାହୁ, ତ୍ରିଲୋଚନ ସାହୁ, ମିଲୁ ନାଇକ, ରାଜକିଶୋର ସାହୁ, ବିଷ୍ଣୁ ଦେହୁରୀ, ସୁରେଶ ନାଇକ, ନର ନାଇକ, ଜିତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାଠିଆ ସେନାପତି, ଶଙ୍କର୍ଷଣ ସାହୁ, ହରିହର ସାହୁ, କୋହ୍ଲ ଜେନା, ଅନନ୍ତ ସାହୁ, ପାଞ୍ଚଲି ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

## ତୁରୁମୁଙ୍ଗା ଥାନାରେ ତାଲିମ ଶିବିର



**ତୁରୁମୁଙ୍ଗା,୧୯।୩(ସମିସ):** ତୁରୁମୁଙ୍ଗା ଥାନା କର୍ମଚାରୀଙ୍କୁ ଆଗାମୀ ନିର୍ବାଚନକୁ କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନା କରିଯିବ ସେ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପରିସରରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ତାଲିମ ଶିବିରରେ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ଦାଗୁଡୁଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଉପଖଣ୍ଡ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏସ୍‌ଆଇ ତାପସ କୁମାର ଦାସ, ଏସ୍‌ଆଇ ସୁଜାତା ମହାନ୍ତଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ହରିନାମ ରସରେ ଭକ୍ତ ବିଭୋର

**ତେଲକୋଇ,୧୯।୩(ସମିସ):** ତେଲକୋଇ ତଳସାହିରେ ତିନି ଦିନ ଧରି ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ଦିଲ୍ଲୀପ କୁମାର ପ୍ରଧାନ ନିତି କାନ୍ତି ଅନୁସାରେ ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ ୮ଜଣ ଭକ୍ତଙ୍କ ଦ୍ୱାରା କଳସ ବସା ଯାଇଛି। ଏଥିରେ ୧୭ଟି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ଜପ କରିଥିବା ବେଳେ ହରି ନାମ ରସରେ ଭକ୍ତ ବିଭୋର ହୋଇଥିଲେ। ଆଖପାଖ ଅଞ୍ଚଳର ହଜାର ହାଜର ଭକ୍ତ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ସୋମବାର ଦଧି ଭାଣ୍ଡ ଭଞ୍ଜନ ହୋଇଥିଲା। ଏହି ଅଷ୍ଟପ୍ରହର ନାମ ସଂକୀର୍ତ୍ତନରେ ତେଲକୋଇ ତଳ ସାହିର ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି।

## ବାଇକ୍ ଧକ୍କାରେ ଜଣେ ମୃତ

**କେନ୍ଦୁଝର, ୧୯।୩ (ସମିସ):** ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କେନ୍ଦୁଝର ସହର ନିକଟ ମଣ୍ଡୁଆଠାରେ ସନ୍ଧ୍ୟା ବେଳେ ବାଇକ୍ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ମୃତକର ପରିଚୟ ମିଳିନାହିଁ। ସ୍ଥାନୀୟ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ କରୁଛି। ଅନ୍ୟ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଗୋଳାବନ୍ଧରେ ବାଥୁଡ଼ି ସମାଜର ସାଂସ୍କୃତିକ ସମାବେଶ



**ଆନନ୍ଦପୁର,୧୯।୩(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଡପଡା ପଞ୍ଚାୟତର ଗୋଳାବନ୍ଧ ଗ୍ରାମରେ ଆନନ୍ଦପୁର ଶାଖା ବାଥୁଡି ସମାଜର ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିମିଳି ପାହାଡ ନିକଟରେ ରହିଥିବା ଅଠର ଦେଉଳ ବଡାମ ବଡାମଣି ଠାକୁରଙ୍କ ରକ୍ଷଣା ବେକ୍ଷଣ ଏବଂ ମାନବ ଦେଉଳର ପୁନରୁଦ୍ଧାର ବିଷୟରେ ଆଲୋଚନା କରାଯାଇଥିଲା। ସଭାପତି ଯୋଗେଶ୍ୱର ନାଏକ, ସମାଜସେବୀ ନିରାକାର ନାଏକ, ଦେବେନ୍ଦ୍ର ନାଏକ, ମାନଗୋବିନ୍ଦ ନାଏକ, ଭାରତି ନାଏକ, ସୁବାସ ନାଏକ, ମିଥୁନ ନାଏକ, ପ୍ରଭାତ ନାଏକ, ମହେଶ୍ୱର ନାଏକ, କୈବଲ୍ୟ ନାଏକ, ଇନ୍ଦ୍ରମଣି ନାଏକ ସମତେ ଶତାଧିକ ଗ୍ରାମବାସୀ ଏହିକାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୬୦ ଗୋଟି ଗ୍ରାମରୁ ବଡାମ ଭକ୍ତ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ଆନନ୍ଦପୁର,୧୯।୩(ସମିସ):** ଆନନ୍ଦପୁର ବ୍ଲକ ଓ ପୌରାଞ୍ଚଳରେ ଥିବା ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ପଦ୍ମପୁର ଏସ୍‌ଏନ ସରକାରୀ ବିଦ୍ୟାଳୟର ଜ୍ୟୋତିର୍ମୟୀ ସାହୁ ପ୍ରଥମ, ଫକୀରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶାଳିନୀ ଦାଶ ଦ୍ୱିତୀୟ, ଫକୀରପୁର ବୋଡାବିଲ ବିଦ୍ୟାଳୟର ଲୋପାମୁଦ୍ରା ଦାସ ତୃତୀୟ, ପଦ୍ମପୁର ସତ୍ୟନାରାୟଣ ସରକାରୀ ବିଦ୍ୟାଳୟର ଯଶମିନ୍ ନାୟକ ଚତୁର୍ଥ, ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ପ୍ରଦୀପ୍ତ କୁମାର ସାହୁ ପଞ୍ଚମ, ଜଗତଜିତ୍ ମିଶ୍ର ଷଷ୍ଠ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ସ୍ୱର୍ଣ୍ଣଲକ୍ଷ୍ମୀ ଦାସ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆନନ୍ଦପୁର ବ୍ଲକର ବନ୍ଧ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅନୁଷ୍କା ଆରାଧନା ଦାସ ପ୍ରଥମ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବେଲବାହାଳିର ଛାତ୍ର ବାସୁଦେବ ଜେନା ଦ୍ୱିତୀୟ, ମହେନ୍ଦ୍ର ସରକାରୀ ବିଦ୍ୟାଳୟ ପଞ୍ଚୁପଲୀର କୈବଲ୍ୟ ପଟ୍ଟନାୟକ ତୃତୀୟ, ହାତୀବନ୍ଧା ପ୍ରାଥମିକ ବିଦ୍ୟାଳୟର ଛାତ୍ର ପ୍ରଦୀପ କୁମାର ବେହେରା ଚତୁର୍ଥ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବେଲବାହାଳିର ଛାତ୍ରୀ ସାଇ ସ୍ୱାଗତିକା ସାହୁ ପଞ୍ଚମ, ଟୋଲଙ୍କପଡା ସରକାରୀ ବିଦ୍ୟାଳୟର ଛାତ୍ରୀ ରୁବି ସାହୁ ଷଷ୍ଠ, ବିରିଡିହା ପ୍ରାଥମିକ ବିଦ୍ୟାଳୟର ଛାତ୍ର ଦୀନକୃଷ୍ଣ ସାହୁ ସପ୍ତମ ସ୍ଥାନରେ ରହିଥିବା ଜଣାଯାଇଛି। ଚଳିତ ବର୍ଷର ଗରିବ ମେଧାବୃତ୍ତି ପାଇଁ ଘସିପୁରା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ତନ୍ମୟୀ ତନୁଶ୍ରୀ ରାଉତ ପ୍ରଥମ, ଫକୀର ବୋଡାବିଲ ବିଦ୍ୟାଳୟର ଛାତ୍ର ଆଦର୍ଶ ମଲିକ ଦ୍ୱିତୀୟ, କନମ ମଞ୍ଜରୀ ବାଳଶିକ୍ଷା ସଂସ୍ଥାନ ଘସିପୁରାର ଛାତ୍ରୀ ଶୁଭସ୍ମିତା ସାହୁ ତୃତୀୟ, ଘସିପୁରା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଶୁଭାଶିଷ ସଏ ଚତୁର୍ଥ, ଶାଳପଡା ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଦେବାସିଂ ମିଶ୍ର ପନଚମ, ଶୈଳଙ୍ଗ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସିପାଳି ସା ଷଷ୍ଠ ଓ ଆନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଯଶସ୍ୱିନୀ ସାମଲ ସପ୍ତମ ସ୍ଥାନରେ ରହିଛନ୍ତି। ଗରିବ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଟୋଲଙ୍କପଡା ସରକାରୀ ବିଦ୍ୟାଳୟର ଛାତ୍ର ପ୍ରିୟାଂଶୁ ପରିଡା ପ୍ରଥମ, ଜଳସୁଆଁ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଓମପ୍ରକାଶ ସାହୁ ଦ୍ୱିତୀୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଧକୋଠାର ଛାତ୍ର କଷିସ ଅସଗର ତୃତୀୟ, ବେଲଦା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଶୁଧସ୍ମିତା ଦାସ ଚତୁର୍ଥ, କୋଡପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟାଂଶୁ ଓଝା ପନଚମ, ଧକୋଠା ପ୍ରାଥମିକ ବିଦ୍ୟାଳୟର ଛାତ୍ର ସାଇଆର୍ଯ୍ୟନ ବେହେରା ଷଷ୍ଠ ଓ ବେଲବାହାଳି ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୌମ୍ୟଦର୍ଶନ ସାହୁ ସପ୍ତମ ସ୍ଥାନ ଅଧିକାର ଏହି ଏହି ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଜଣାଯାଇଛି।

## ଟ୍ରକ୍‌ଚାଳକଙ୍କ ପାଇଁ ଚକ୍ଷୁ ଚିକିତ୍ସା ଶିବିର



**ଯୋଡ଼ା,୧୯।୩(ସମିସ):** ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର୍ (ଜେଏସପି) ଅଧୀନସ୍ଥ କାସିଆ ଆଇରନ୍ ଏଣ୍ଡ ଡୋଲାମାଇଟ୍ ଖଣି ଠାରେ କମ୍ପାନୀର ମୁଖ୍ୟ ନବୀନ ଜିନ୍ଦଲଙ୍କ ଜନ୍ମ ଦିନରେ ଜେଏସ୍‌ପିର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେସନ ଓ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ସହଭାଗିତାରେ ଟ୍ରକ୍ ଚାଳକମାନଙ୍କ ନିମନ୍ତେ ଏକ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇ ସେମାନଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରଟି ଏଲ୍‌ଭି ପ୍ରସାଦର ଅଭିଜ୍ଞ ଡାକ୍ତର ଓ ଟେକ୍ନିସିଆନମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଶିବିରରେ ୨୪୪ ଜଣ ଟ୍ରକ୍ ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୮୭ ଜଣଙ୍କର ଚକ୍ଷୁ ଜନିତ ସମସ୍ୟା ନିରୁପିତ ହେବା ପରେ ସେମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନୀଲ କୁମାର ଦତ୍ତ, ଭଦ୍ରାସାହି ଓ ଗୁଆଲି ଟ୍ରକ ମାଲିକ ସଂଘର ସଭାପତି, ରଘୁରାଜ ରଘୁବଂଶୀ (ଭାରପ୍ରାପ୍ତ ୟୁନିଟ୍ ମୁଖ୍ୟ) କାସିଆ ଆଇରନ୍ ମାଇନ୍ସ କମ୍ପାନୀର ମାନବ ସମ୍ବଳ ମୁଖ୍ୟ, ଆଶିଷ ରଞ୍ଜନ ମହାନ୍ତି ଓ ଜେଏସପି ଫାଉଣ୍ଡେସନର ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

## ସରିଲା ଦେଓଗାଁ ଶ୍ରୀକୁଶଳେଶ୍ୱରଙ୍କ ଜାଗରମେଳା

**ଆନନ୍ଦପୁର/ଦେଓଗାଁ,୧୯।୩(ସମିସ):** ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ତତ୍ତ୍ୱାବଧାନରେ ହେଉଥିବା ଦେଓଗାଁର ଶ୍ରୀକୁଶଳେଶ୍ୱରଙ୍କ ପ୍ରସିଦ୍ଧ ଜାଗରମେଳା ଆଜି ସନ୍ଧ୍ୟାରେ ଶେଷ ହୋଇଛି। ଗତ ୮ ତାରିଖଠାରୁ ଆରମ୍ଭ ହୋଇଥିବା ଦେଓଗାଁର ଜାଗର ଯାତ୍ରା ଆଜି ୧୨ ଦିନରେ ସମାପ୍ତ ହୋଇଥିବା ଜଣାଯାଇଛି। ୧୨ ଦିନ ଧରି ଚାଲିଥିବା ଏହି ମେଳାରେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନି ମାଝୀ ଓ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉପଖଣ୍ଡ ପ୍ରଶାସନ, ପୁଲିସ, ଦେବୋତ୍ତର ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଦେଓଗାଁ ବ୍ରାହ୍ମଣ ସମାଜ, ଶ୍ରୀକୁଶଳେଶ୍ୱର ସମାଜ ମଙ୍ଗଳ ସମିତି ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ଏହି ମେଳା ଶେଷ ହୋଇଛି। ଓଡିଶାର ଅନ୍ୟତମ ପ୍ରସିଦ୍ଧ ଜାଗରମେଳା ପାଇଁ ଓଡିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଫୁଡ୍ ବଜାର, ନାମୀଦାମୀ ଉଠାଦୋକାନୀ ଘରକରଣା ସାମଗ୍ରୀ ଆଣିଥିବା ବେଳେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀର ମେଳା ପଡିଆରେ ପସରା ମେଲିଥିବାରୁ ମେଳାରେ ପ୍ରବଳ ଜନଗହଳି ଲାଗି ରହିଥିଲା। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଦେଓଗାଁ ଶ୍ରୀ କୁଶଳେଶ୍ୱର ପୀଠରେ ହେଉଥିବା ଏହି ଜାଗର ମେଳାରେ ପ୍ରତିଦିନ ଯାତ୍ରୀଙ୍କ ଭିଡ ଲାଗିରହିଥିଲା। ଏଥି ସହିତ ମେଳାରେ ଲୋକଙ୍କ ମନୋରଞ୍ଜନ ପାଇଁ, ରାମଦୋଳି, ଡ୍ୟାସିଂ ଦୋଳି, ଡ୍ରାଗନ ଦୋଳି, ବେଲୁନ ଦୋଳି, ଜମ୍ପିଂ ଦୋଳି, ମିକି ମାଉସ ଓ ମୀନାବଜାର ପାଇଁ ଚଳିତ ବର୍ଷର ଜାଗରମେଳା ବେଶ ଆକର୍ଷଣୀୟ ହୋଇଉଠିଥିବା ଜଣାଯାଇଛି। ଏହି ଜାଗରମେଳା କାର୍ଯ୍ୟକ୍ରମରେ ଆୟୋଜକ କମିଟିର ଦେବେନ୍ଦ୍ର ଦାଶ, ପ୍ରେମାନନ୍ଦ ପାଣିଗ୍ରାହୀ, ଅରୁଣ ରାଉତ, ପଙ୍କଜ ଦାଶ, ରଞ୍ଜନ ବଳ, ସନ୍ତୋଷ ବଳ, ବିଶ୍ୱଜିତ ଦାଶ, ରାଜୀବ ଲୋଚନ ଜେନା, ବଳରାମ ସେଠୀ, ଆଶିଷ ରାଉତ, ଜଗବନ୍ଧୁ ପଣ୍ଡା, କାବୁଲି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



## ମରଣଯନ୍ତା ସାଜିଛି ମୁକୁଳା ଡ୍ରେନ୍

**ଚମ୍ପୁଆ, ୧୯ ।୩ (ସମିସ):** ଚମ୍ପୁଆ ଏନ୍‌ଏସିରେ କେତେକ ୱାର୍ଡରେ ମରଣଯନ୍ତା ସାଜିଛି ମୁକୁଳା ଡ୍ରେନ। ଡ୍ରେନ ଗୁଡିକ ସଫା ହେଉନାହିଁ। ମଇଳା ଉଠା ଗାଡି ଓ ମଶା ଧୂଆଁ ଗାଡି ମଧ୍ୟ କେତେଦିନ ହେବ ଗଡୁନଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ କିଛି ୱାର୍ଡରେ ଥିବା ଡ୍ରେନ ଗୁଡିକ ସଫା ନ ହେବାରୁ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ଏହି ମୁକୁଳା ଡ୍ରେନ ଗୁଡିକ ସାଧାରଣ ଜନତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ମଇଳା ଉଠା ଗାଡି ନ ଆସିବାରୁ ଏହା ପରିବେଶକୁ ଅଧିକ ସଙ୍ଗୀନ କରିଛି। ଏଇ କିଛିଦିନ ହେବ କାଳବୈଶାଖୀ ବର୍ଷା ଓ ପବନରେ ଆବର୍ଜନା ଗୁଡିକ ଇତଃସ୍ତତ ଉଡ଼ି ବୁଲୁଛି। ଏପରିକି ସହରର ବିଭିନ୍ନ ୱାର୍ଡରେ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ମାତ୍ର ସିଞ୍ଚନ ମେସିନ ଥିଲେ ସୁଦ୍ଧା ତାହା କୌଣସି ୱାର୍ଡରେ ବୁଲୁନଥିବା ଅଭିଯୋଗ ହେଉଛି। ଏ ବାବଦରେ ସାନିଟାରୀ ମ୍ୟାନେଜର ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ବର୍ଷା ପାଇଁ ମଶା ଧୂଆଁ ମେସିନ୍ ବୁଲି ପାରି ନଥିଲା। ପାଗ ଶୁଖିଲା ହେବା ପରେ ମେସିନ ସ୍ୱାଭାବିକ ଭାବେ କାମ କରିବ ବୋଲି କହିଥିଲେ।





# ନୂହାମାଳିଆ ଆଦିବାସୀ ବସ୍ତିରେ ଡାଳପର୍ବ

## ଇଷ୍ଟଦେବୀଙ୍କ ନିକଟରେ ଲାଗିହେଲା ଶାଳ ଫୁଲ, ମହୁଲ ଆଉ ଆମ୍ବ ବଉଳ

**ରାମଚନ୍ଦ୍ରପୁର,୧୯ ।୩(ସମିସ)**

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ଅନ୍ତର୍ଗତ ନୂହାମାଳିଆ ଆଦିବାସୀ ବସ୍ତିରେ ଡାଳପର୍ବ ବା ବାହାପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ନିଜ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ ଅନୁଭବ କରନ୍ତି ଆଦିମ ଅଧିବାସୀ। ବସନ୍ତ ଋତୁ ଆରମ୍ଭରେ ଶାଳ, ମହୁଲ, ଚାର ପ୍ରଭୃତି ଗଛରେ ଫୁଲ ଓ ବଉଳ ସହ ଜଙ୍ଗଲରେ ଥିବା ବିଭିନ୍ନ ଗଛର କଅଁଳ ଡାଳକୁ ଆଳି ପ୍ରଥମେ ନିଜର ଇଷ୍ଟଦେବ (ମାରାଂବୁରୁ)ଙ୍କ ନିକଟରେ ସମର୍ପଣ ପରେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି ଆଦିବାସୀ ମାନେ। ଏହି ପର୍ବକୁ "ଡାଳପର୍ବ ବା ବାହା ପର୍ବ' କୁହାଯାଏ। ଏଥିରେ ଆଦିବାସୀ ମାନଙ୍କର ଆସ୍ଥା ଓ ବିଶ୍ୱାସ ଭରି ରହିଥାଏ। ଏହି ପର୍ବ ଫଗୁଣ ମାସର ପୂର୍ଣ୍ଣିମୀ ତିଥିରେ ପାଳନ କରାଯାଇଥାଏ। ଏହି ପର୍ବରେ ଜଙ୍ଗଲରେ ଫୁଟୁଥିବା ଗଛର ଫୁଲ ଓ କଅଁଳ ପତ୍ରକୁ ଗ୍ରାମ ଦେବତା ମାରାଂବୁରୁଙ୍କ ନିକଟରେ ପୂଜା କରାଯାଏ। ପୂଜାରୀ ଘନଶ୍ୟାମ ବିରୁଆ, ଗୌରାଙ୍ଗ ପୂର୍ତ୍ତୀ, କଙ୍କା ସିଙ୍କୁ, ଲକ୍ଷ୍ମୀଧର ପୂର୍ତ୍ତୀ ଗ୍ରାମର ଠାକୁରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଦିବାସୀ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାପାଠ କରିଥାନ୍ତି। ପୂଜା ପରେ ଶ୍ରଦ୍ଧାଳୁମାନେ ପୂଜାରୀଙ୍କ ଠାରୁ ସେହି ଫୁଲକୁ ଠାକୁରଙ୍କ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥାନ୍ତି। ମହିଳା ଶ୍ରଦ୍ଧାଳୁ ମାନେ ପୂଜା ହୋଇଥିବା ଶାଳଫୁଲକୁ ମଥାରେ ଖୋସି ଧାର୍ମିକ ବିଧି ପାଳନ କରୁଥିବା ବେଳେ ପୁରୁଷ ଶ୍ରଦ୍ଧାଳୁମାନେ ମଧ୍ୟ କାନରେ ଲଗାଇଥାନ୍ତି। ଦିଅଁଙ୍କୁ ପୂଜାର୍ଚ୍ଚନା ପରେ ସମସ୍ତେ ଏକାଠି ବସି ଭୋଜନ କରିବା ସହ ପାରମ୍ପରିକ ନୃତ୍ୟ ଗୀତରେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମସଗୁଲ ରହିଥାନ୍ତି। ଗାଁ ମୁଖିଆ ବାବୁଲି ବ୍ରିଙ୍କେଲ୍, ଡାକୁଆ ବଳରାମ ବ୍ରିଙ୍କେଲ ସହ ଅନେକ ଶ୍ରଦ୍ଧାଳୁ କାଳିସୀ ହୋଇ ସାହି ପରିକ୍ରମା କରିଥାନ୍ତି। ସାହି ବସ୍ତିରେ ମହିଳାମାନେ ସେମାନଙ୍କ ପାଦ ଧୋଇ ଆଶିଷ ଭିକ୍ଷା କରିଥାନ୍ତି। ଏହି ପର୍ବ ପାଇଁ ଦିନକ ପୂର୍ବରୁ ଘର ଦ୍ୱାର ଲିପାପୋଛା ସହ ସମସ୍ତେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି। ଘରେ ଘରେ ନୂଆ ହାଣ୍ଡିରେ ହାଣ୍ଡିଆ ପ୍ରସ୍ତୁତ ହୋଇଥାଏ। ମାରାଂବୁରୁଙ୍କ ନିକଟରେ ପୂଜା କାର୍ଯ୍ୟ ସମାପନ ପରେ ଘରେଘରେ ପ୍ରସ୍ତୁତ ହାଣ୍ଡିଆ ଭୋଗକୁ ପୂର୍ବଜ ମାନଙ୍କ ଉଦ୍ଦେଧଶ୍ୟରେ ସମର୍ପଣ କରାଯାଇ ପରିବାର ମୁଖିଆ ତଥା ବୟସ୍କ ମହିଳା ଏବଂ ପୁରୁଷ ମାନେ ନାଚ ଗୀତର ତାଳେତାଳେ ଝୁମି ଉଠନ୍ତି। ଏହି ପର୍ବ ତିନି ଦିନ ଧରି ଅନୁଷ୍ଠିତ ହୋଇଥାଏ। ସାହିର ଯୁବକ ସିମଲ ମୁଣ୍ଡା, ଚନ୍ଦନ ବିରୁଆ,ଗୁମାନ ଚାତାର, ଟୁକୁନା ସିଙ୍କୋ, କହ୍ନେଇ ଚାତାର, ନବଘନ ଚାତାର ସମେତ ସମସ୍ତ ଗ୍ରାମବାସୀ ଡାଳପର୍ବ ବା ବାହାପର୍ବରେ ସାମିଲ ହୋଇ ପରିଚାଳନାରେ ସହଯୋଗ କରିଥିଲେ।



